**ବିଜେଡିର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ତାରା ରୋପଣ**

ଭବାନୀପାଟଣା,(ସ୍ୱ.ପ୍ର.): ବିଜେଡିର ୨୫ ବର୍ଷ ପୂର୍ତ୍ତିରେ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କୁତୁଖମାର ଓ ମାଳଗାଁ ହାଇସ୍କୁଲଠାରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ତାରା ରୋପଣ କରାଯାଇଛି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାକୁଡ଼, ମନିନ୍ଦ୍ର ମହାନ୍ତି, ରାଜ୍ୟ ଯୁବ ସହସମ୍ପାଦକ ରବି ପଟ୍ଟନାୟକ, ଧବଳେଶ୍ୱର ମହାପାତ୍ର, ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ବଢୁଛି ଅପମିଶ୍ରିତ ମଦ କାରବାର, ବିଭାଗ ଚୁପ୍

**ଲୋଇସିଂହା,୨୪।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଅପମିଶ୍ରିତ ଦେଶୀ ଓ ବିଦେଶୀ ମଦ କାରବାର ବଢ଼ି ଚାଲିଛି। ଏହାକୁ ଅବକାରୀ ଓ ପୋଲିସ ବିଭାଗ ରୋକିବାରେ ବିଫଳ ହୋଇଛନ୍ତି। ଲୋଇସିଂହାରେ ଦେଶୀ ମଦଭାଟି ରହିଛି। ବୁର୍ଡା, ପଣ୍ଡରାଣୀ, ରାମପୁର, ଖଲିଆପାଲି ବିଭିନ୍ନ ସ୍ଥାନରେ କୁଟିଆ ଭାଟି ରହିଛି। ଭାଟିରେ ବସି ଲୋକେ ମଦ୍ୟ ପିଇବା ନିୟମ ରହିଛି । ହେଲେ ଭାଟି ମାଲିକ ରାଜସ୍ୱ ବଢ଼ାଇବା ପାଇଁ ଗାଁ ଗହଳିରେ କୁଟିଆ ମଦ ରଖି ବିକ୍ରି କରୁଛନ୍ତି। ଏହାଦ୍ୱାରା ଗାଁର ପରିବେଶ ବିଗିଡିବାରେ ଲାଗିଛି। ଗ୍ରାହକଙ୍କ ଚାହିଦା ଅନୁଯାୟୀ ଗ୍ରାମାଞ୍ଚଳର କୁଟିଆ ବେପାରୀମାନେ ଲୋଇସିଂହା ଥାନାର ବିଭିନ୍ନ ସ୍ଥାନ ଏବଂ ସୀମାନ୍ତ ବରଗଡ ଜିଲା ଗାଇସିଲାଟ ଓ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଞ୍ଚଳରୁ ଚୋରା ରନ୍ଧାମଦ ଆଣି ବିକ୍ରି କରୁଛନ୍ତି। ସେହି ରନ୍ଧାମଦରେ ଅଧିକ ପାଣି ସହ ବିଭିନ୍ନ ପ୍ରକାର ନିଶା ବଟିକା ଓ ଅନ୍ୟାନ୍ୟ ଦ୍ରବ୍ୟ ମିଶ୍ରଣ କରି ବିକ୍ରି କରାଯାଉଛି। ଗ୍ରାହକ ଶସ୍ତାରେ ଅଧିକ ନିଶା ପାଇଁ ଏହି ମଦକୁ କିଣି ପିଉଛନ୍ତି। ଅପମିଶ୍ରିତ ମଦ କିଡନୀ ନଷ୍ଟ ସହ ବିଭିନ୍ନ ରୋଗର କାରଣ ସାଜିଛି । ପଡୋଶୀ ଜିଲାରୁ ବେଧଡକ ରନ୍ଧାମଦ ଚୋରା ଚଲାଣ ଓ ଅପମିଶ୍ରିତ ମଦ କାରବାର ସମ୍ପର୍କରେ ସ୍ଥାନୀୟ ଅବକାରୀ ଓ ପୋଲିସ ବିଭାଗ ଜାଣି ସୁଦ୍ଧା କୌଣସି ପଦକ୍ଷେପ ନେଉନାହାନ୍ତି। ଅପମିଶ୍ରିତ ମଦ ପିଇ କିଛିଦିନ ତଳେ ଲୋଇସିଂହାର ୨ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଲୋଇସିଂହା ବସ୍ତିର ଜଣେ ମହିଳାଙ୍କ ସମେତ ୪ଜଣ ଏହାର ପ୍ରଭାବରେ ଏବେ ଗୁରୁତର ହୋଇ ଶଯ୍ୟାଶାୟୀ ଥିବା ଜଣାପଡିଛି। ଏହାପୂର୍ବରୁ ମଧ୍ୟ ଲୋଇସିଂହାରେ ମଦମୃତ୍ୟୁର ନଜିର ରହିଛି । କେବଳ ଦେଶୀ ନୁହେଁ ଅପମିଶ୍ରିତ ବିଦେଶୀ ମଦ ମଧ୍ୟ ଅବାଧରେ ବିକ୍ରି ଚାଲିଛି। ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାଏକ କହିଛନ୍ତି ମୁଁ ଏକା ଷ୍ଟାଫ ଅଛି । ଲୋଇସିଂହା ଓ ବଲାଙ୍ଗୀର ସଦର ବୁଝିବାକୁ ପଡୁଛି । ବିଭାଗରେ କର୍ମଚାରୀ ଅଭାବ ରହିଛି। ତେବେ ଅପମିଶ୍ରିତ ମଦ କାରବାର ନେଇ ଦୃଷ୍ଟିକୁ ଆସିଛି, ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

### ‘ବ୍ୟକ୍ତିତ୍ୱ ନିର୍ମାଣ ହେଲେ ରାଷ୍ଟ୍ର ନିର୍ମାଣ ସମ୍ଭବ’



କଣ୍ଟାବାଞ୍ଜିରେ ଜୈନଗୁରୁ ଧର୍ମାବଲମ୍ବୀମାନଙ୍କୁ ସମ୍ବୋଧିତ କରୁଛନ୍ତି ।

**କଣ୍ଟାବାଞ୍ଜି,୨୪।୭(ଡି.ଏନ.ଏ.):** ବ୍ୟକ୍ତିତ୍ୱ ନିର୍ମାଣ ଜରୁରୀ। ଏହା ସହିତ ପରିବାର ନିର୍ମାଣ ହେଲେ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ ହୋଇପାରିବ। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି ଜୈନଗୁରୁ ମୁନିଶ୍ରୀ ପ୍ରଶାନ୍ତ କୁମାର ଜୀ। ଚର୍ତୁମାସ ଅବସରରେ ସ୍ଥାନୀୟ ଜୈନ ଭବନରେ ସପ୍ତାହବ୍ୟାପୀ ଜୈନ ଧର୍ମାବଲମ୍ବୀମାନଙ୍କୁ ବିଭିନ୍ନ ପ୍ରକାର ସନ୍ଦେଶ ଦେବା ଅବସରରେ ଆଚାର୍ଯ୍ୟ ମହାଶ୍ରମଣଜୀଙ୍କ ଦୁଇଶିଷ୍ୟ ମୁନିଶ୍ରୀ ପ୍ରଶାନ୍ତ କୁମାର ଜୀ ଏବଂ ମୁନିଶ୍ରୀ କୁମୁଦ କୁମାର ଜୀ କଣ୍ଟାବାଞ୍ଜିସ୍ଥିତ ଜୈନ ଭବନରେ ଅବସ୍ଥାନ କରିଛନ୍ତି। ଚର୍ତୁମାସ ଅବସରରେ ଉଭୟ ଦୁଇ ଜୈନ ଗୁରୁ ରାଜ୍ୟର ବିଭିନ୍ନ ପ୍ରାନ୍ତ ପରିଭ୍ରମଣ କରି ଜୈନ ଭଉଣୀ ଭାଇଙ୍କୁ ଜୈନଧର୍ମର ମହତ୍ୱ ଅବସରରେ ଆଲୋକପାତ କରୁଛନ୍ତି। ସ୍ଥାନୀୟ ଜୈନ ଶ୍ୱେତାମ୍ବର ସଭା, ତେରାପନ୍ତ ମହିଳା ମଣ୍ଡଳ, ତେରାପନ୍ଥ ଯୁବକ ପରିଷଦ ଓ ତେରପନ୍ଥ ପ୍ରୋଫେଶନାଲ ଫୋରମ ଆୟୋଜିତ ଚର୍ତୁମାସ ସଭା ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଆୟୋଜିତ ହୋଇଛି ।

# ‘ନିର୍ଦ୍ଧାରିତ ସମୟରେ ଶେଷ ହେବ ମୁଖ୍ୟ ଷ୍ଟାଡିୟମ କାର୍ଯ୍ୟ’

**ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କଲେ କ୍ରୀଡ଼ା ମନ୍ତ୍ରୀ**

ରାଉରକେଲା ଅଫିସ, ୨୪।୭

୨୦୨୩ରେ ରାଉରକେଲାରେ ହକି ବିଶ୍ୱକପ୍ ଆୟୋଜିତ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ତେବେ ରାଉରକେଲାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ ହେବ। ରବିବାର ରାଉରକେଲା ଗସ୍ତରେ ଆସି ଷ୍ଟାଡିୟମ ଅଗ୍ରଗତି କାର୍ଯ୍ୟ ସମୀକ୍ଷା ବେଳେ ଇଲେକ୍ଟ୍ରୋନିକ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ତଥା ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି।

ଏହି ଗସ୍ତ ବେଳେ ମନ୍ତ୍ରୀଙ୍କ ସହ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲ କ୍ରିଷ୍ଣା ଏବଂ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂହ ପୁନିଆ ଉପସ୍ଥିତ ଥିଲେ। ଏହି ଉଚ୍ଚସ୍ତରୀୟ ଟିମ୍ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହ ନିର୍ମାଣାଧୀନ ବିର୍ସା ମୁଣ୍ଡା ଫୁଟବଲ ଷ୍ଟାଡିୟମ ଏବଂ ପରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ବୁଲି ଦେଖିଥିଲେ। ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ପରେ ମନ୍ତ୍ରୀ ବେହେରା ଗଣମାଧ୍ୟମକୁ କହିଥିଲେ, ପୁରୁଷ ବିଶ୍ୱକପ୍ ହକି- ୨୦୨୩ ପାଇଁ ଷ୍ଟାଡିୟମର ବିଭିନ୍ନ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଏଠାରେ ହେଉଥିବା ଅଭ୍ୟାସ ପଡିଆ ନିର୍ମାଣ କାମ ଇତିମଧ୍ୟରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟ ଭିତରେ ମୁଖ୍ୟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ଅବସରରେ ମନ୍ତ୍ରୀ ଓ ସଚିବସ୍ତରୀୟ ଟିମ୍ ମୁଖ୍ୟ ଷ୍ଟାଡିୟମ ସହିତ ପ୍ରବେଶ ପଥ, ଅଭ୍ୟାସ ପଡ଼ିଆ, ଦର୍ଶକ ଗ୍ୟାଲେରୀ, ଖେଳାଳି ଓ ଅଫିସିଆଲଙ୍କ ପାଇଁ ନିର୍ମାଣ କରାଯାଉଥିବା ରହଣୀସ୍ଥଳ, ଚେଞ୍ଜିଂ ରୁମ, ଅତ୍ୟାଧୁନିକ ଜିମ୍, ଶୌଚାଳୟ ଆଦି ବୁଲି ଦେଖିଥିଲେ। ଏହାବାଦ୍ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ରାଉରକେଲା ସହରରେ ବିଭିନ୍ନ ଭିତ୍ତିଭୂମିର ବିକାଶ ସହିତ ସହରର ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ଏସବୁ କାର୍ଯ୍ୟ ଠିକ ସମୟରେ ଶେଷ କରିବା ଲାଗି ସୁନ୍ଦରଗଡ଼ ଜିଲା ପ୍ରଶାସନ, ରାଉରକେଲା ମହାନଗର ନିଗମ ଏବଂ ସ୍ମାର୍ଟ ସିଟି ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ପରେ ମନ୍ତ୍ରୀ ଏବଂ ସଚିବ ରାଉରକେଲା ବିମାନବନ୍ଦରଠାରେ ଏକ ବୈଠକରେ ଯୋଗ ଦେଇଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଏଡିଏମ୍ ତଥା ମହାନଗର ନିଗମ କମିଶନର ଡା. ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


କ୍ରୀଡ଼ା ମନ୍ତ୍ରୀ ଓ ସଚିବ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ କାର୍ଯ୍ୟ ଅଗ୍ରଗତି ସମୀକ୍ଷା ଦେଖୁଛନ୍ତି।

### ସ୍ୱର୍ଗତ ଖେଳାଳିଙ୍କ ପରିବାରକୁ ସମବେଦନା ଜଣାଇଲା କ୍ରୀଡା ସଂଘ

ଝାରସୁଗୁଡ଼ା ଅଫିସ,୨୪।୭

ରାଜ୍ୟସ୍ତରୀୟ ଫୁଟ୍‌ବଲ ଖେଳାଳି ବ୍ରଜରାଜନଗରର ପ୍ରେମାନନ୍ଦ ଖାଲ୍‌କୋ(୯୨)ଙ୍କ ଗତ ବୁଧବାର ଦେହାନ୍ତ ହୋଇଛି। ସେ ତାଙ୍କ ଜୀବନକାଳ ମଧ୍ୟରେ ୨ଥର ଓଡ଼ିଶା ଟିମ୍‌ର କ୍ୟାପଟେନ୍ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ୫ଥର ରାଜ୍ୟସ୍ତରରେ ଖେଳି ଦଳକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ସୁନାମଧନ୍ୟ ଫୁଟ୍‌ବଲ ଖେଳାଳି ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ବ୍ରଜରାଜନଗର ଓରିଏଣ୍ଟ କାଗଜକଳରେ ସେ ଚାକିରି କରୁଥିଲେ। ତାଙ୍କର ସ୍ତ୍ରୀ, ୨ପୁଅ, ବୋହୂ ଓ ନାତୁଣୀନାତି ରହିଛନ୍ତି। ରବିବାର ଜିଲା କ୍ରୀଡା ସଂଘ ଓ ବିଭିନ୍ନ କ୍ରୀଡା ସଂଘର କର୍ମକର୍ତ୍ତାମାନେ ସ୍ୱର୍ଗତ ଖାଲ୍‌କୋଙ୍କ ବାସଭବନରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଏଥିରେ ଜିଲା କ୍ରୀଡା ସଂଘର ତାପସ ରାୟ ଚୌଧୁରୀ, ବ୍ରିଜେଶ ଶର୍ମା, ରାଜ୍ୟ କ୍ରିକେଟ୍ ଆସୋସିଏଶନ ଉପସଭାପତି ମେହେତାବ୍ ଖାନ, ବିଷ୍ଣୁ ନାୟକ, କମ୍ପାଣ୍ଡର ବେହେରା, ପ୍ରଜ୍ୱଳ ପଟେଲ, କୈଳାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୌତୁକମୁକ୍ତ ବିବାହ ବାର୍ତ୍ତା ପାଇଁ ନିଆରା ପ୍ରୟାସ



ସମ୍ବଲପୁର ପୁଟିବନ୍ଧରେ ବିବାହ ଉତ୍ସବରେ ନବ ଦମ୍ପତି ।

ସମ୍ବଲପୁର,୨୪।୭(ବ୍ୟୁରୋ)

ସମ୍ବଲପୁର ପୁଟିବନ୍ଧସ୍ଥିତ ନାମଦାନ କେନ୍ଦ୍ରଠାରେ ରବିବାର ନିଆରା ବିବାହ ଅନୁଷ୍ଠିତ ହୋଇଥିଲା। ହରିୟାଣା କୁରୁକ୍ଷେତ୍ରର ମୁନିନ୍ଦର ଧର୍ମାର୍ଥ ଟ୍ରଷ୍ଟ ସମ୍ବଲପୁର ଶାଖା ପକ୍ଷରୁ ଏହି ବିବାହ ଉତ୍ସବ ଆୟୋଜନ କରାଯାଇଥିଲା। ସନ୍ଥ ରାମପାଲ ଜୀଙ୍କ ସମାଜ ସଂସ୍କାର, ଯୌତୁକ ମୁକ୍ତ ପ୍ରଥା, ସମାଜରୁ ଜାତିଭେଦ ଦୂର ବାର୍ତ୍ତା ପ୍ରଦାନ କରିବା ପାଇଁ ପ୍ରତିବର୍ଷ ଦେଶର ବିଭିନ୍ନ ରାଜ୍ୟରେ ଏଭଳି ଆୟୋଜନ ହୋଇଥାଏ। ରବିବାର ଏଠାରେ ଅନୁଷ୍ଠିତ ଉତ୍ସବରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକର ବର ନିରଞ୍ଜନ ମୁଖି ଓ ବରଗଡ଼ ଜିଲା ଭଟଲିର କନ୍ୟା ଉମା ମେହେର। ବିନା ଯୌତୁକ, ବାଜା, ବାରାତିରେ ଏହି ବିବାହ ନିରାଡମ୍ବର ଭାବରେ ଅନୁଷ୍ଠିତ ହୋଇଥିଲା। ନାମଦାନ କେନ୍ଦ୍ରଠାରେ ମୁନିନ୍ଦର ଧର୍ମାର୍ଥ ଟ୍ରଷ୍ଟର ସନ୍ଥ ରାମପାଲ ଜୀଙ୍କ ଅନୁଗତଙ୍କ ଉପସ୍ଥିତରେ ବିବାହ ସମ୍ପନ୍ନ ହୋଇଥିଲା। ମୁନିନ୍ଦର ଧର୍ମାର୍ଥ ଟ୍ରଷ୍ଟ ମୁଖ୍ୟ ସେବାଦାର ଋଷି କୁମାର ଭୋଇ, ସମ୍ବଲପୁର ଜିଲା ଆବାହକ କ୍ଷିରୋଦ ପଧାନ, ବରଗଡ ଜିଲା ଆବାହକ ସରୋଜ ରଣାଙ୍କ ସମେତ ବରଗଡ, ଦେବଗଡ, ସମ୍ବଲପୁର, ଅନୁଗୋଳ ଜିଲାର ସନ୍ଥ ରାମପାଲ ଜୀଙ୍କ ବହୁ ଅନୁଗତ ଉପସ୍ଥିତ ଥିଲେ।

# ଶିଶୁ ସୁରକ୍ଷା ସେବା ପ୍ରଦାନକାରୀଙ୍କୁ ନେଇ କର୍ମଶାଳା

ଝାରସୁଗୁଡ଼ା ଅଫିସ,୨୪।୭

ଝାରସୁଗୁଡା ସହରର ଏକ ହୋଟେଲରେ ଶିଶୁ ସୁରକ୍ଷା ସେବା ପ୍ରଦାନକାରୀଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ପିକକ୍ ତରଫରୁ ଏହା ଆୟୋଜିତ ହୋଇଥିଲା। ମହିଳା ସୁରକ୍ଷା ଅଧିକାରୀ ବୃନ୍ଦାବତୀ ପଣ୍ଡା ମୁଖ୍ୟଅତିଥି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ଆନନ୍ଦିନୀ ପାଢୀ, ଆକ୍ସନଏଡର ଜିଲା ସଂଯୋଜିକା ରଶ୍ମିତା ଦାସ, ପିକକ୍‌ର ତାଲିମଦାତ୍ରୀ ଶୀତଲ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଏଥିରେ ଜିଲାର ସରପଞ୍ଚ, ଅଙ୍ଗନୱାଡି କର୍ମୀ, ସିଆର୍‌ସିସି, ମାନସିକ ସଂସ୍ଥା ବିଶେଷଜ୍ଞ, ଶିଶୁ ଯତ୍ନ ଅନୁଷ୍ଠାନର ପରାମର୍ଶଦାତା, ଚାଇଲ୍ଡ ଲାଇନ୍ ଆଦି ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ ।



ଜିଲା ଶିଶୁ ସୁରକ୍ଷା ଅଧିକାରୀ କର୍ମଶାଳା ଉଦ୍‌ଘାଟନ କରୁଛନ୍ତି।

### ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବିଜୟ ଉତ୍ସବ ପାଳନ

ଉଲୁଣ୍ଡା,୨୪।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଏସ.ପତ୍ରାପାଲି ଗିନ୍ଦିଲାମାଲ ଖେଳ ପଡିଆରେ ରବିବାର ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଦୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ଅବସରରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଆଦିବାସୀ ସଂଘର ବ୍ଲକ ସଭାପତି ନନ୍ଦନ ବାରିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଗଣ୍ଡ ସମାଜର ବ୍ଲକ ସମ୍ପାଦକ ମୋକୁନ୍ଦ ଧରୁଆ, ଜୟକୃଷ୍ଣ ମାଝି, କାଦୋବର ପଞ୍ଚାୟତର ତ୍ରିନାଥ ଭୋଇ, ଲିଙ୍ଗରାଜ ପଧାନ, ଦୟାନିଧି ପଧାନ, ତରଭା ବ୍ଲକର ବୀରୁ ମୁଣ୍ଡାଙ୍କ ସମେତ ବହୁ ଆଦିବାସୀ ଯୋଗଦେଇଥିଲେ। ବୈଠକରେ ନବନିର୍ବାଚିତ ରାଷ୍ଟ୍ରପତି ମୁର୍ମୁଙ୍କ ସଫଳତା ଉପରେ ଆଲୋଚନା କରାଯାଇଥିଲା। ପରେ ଆଦିବାସୀ ପରମ୍ପରା ଅନୁସାରେ ବାଦ୍ୟ ଯନ୍ତ୍ରର ତାଳେତାଳେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ବିଜୟ ଉତ୍ସବରେ ଫିଲିପ ବାର୍ଲା, ବାସନ୍ତି ସାଶଦା, ଗୋସନାର କାଣ୍ଡୁଲାନା, ମାରାସାଲାନ ଭେଙ୍ଗେରା, ବୁଆସ ବାର୍ଲାଙ୍କ ସମେତ ଏସ.ପତ୍ରାପାଲି ପଞ୍ଚାୟତରେ ବସବାସ କରୁଥିବା ବହୁ ଆଦିବାସୀ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

# ୫୫ ବର୍ଷ ଧରି ବନ୍ଧୁତ୍ୱ ବାଣ୍ଟୁଛନ୍ତି କିଶୋରୀ

**ଲବଙ୍ଗ, ଅଳେଇଚ ଦେଇ ସମ୍ପର୍କ ଯୋଡୁଥିବା ନିଆରା ମଣିଷ**

ରାଉରକେଲା ଅଫିସ,୨୪।୭



ଦିନେ କି ମାସେ ନୁହଁ, ଦୀର୍ଘ ୫୫ ବର୍ଷ ଧରି ବନ୍ଧୁତ୍ୱ ବାଣ୍ଟୁଛନ୍ତି। ସହର ହେଉ କି ବାହାର ରାଜ୍ୟ ଯେଉଁଠି ଲୋକଙ୍କୁ ଦେଖନ୍ତି ବନ୍ଧୁତ୍ୱ ସ୍ଥାପନ କରିବା ପାଇଁ ବଢ଼ାଇ ଦିଅନ୍ତି ଅଳେଇଚ ଓ ଲବଙ୍ଗ। ଏଥିପାଇଁ ତାଙ୍କୁ କିଏ ଲବଙ୍ଗ ଭାଇ ତ ଆଉ କିଏ କିଶୋରୀ ଭାଇନା ଡାକନ୍ତି। ଗୁଜୁରାତି ଓ ଲବଙ୍ଗରେ ସମ୍ପର୍କ ଯୋଡୁଥିବା ଏହି ନିଆରା ମଣିଷ ହେଉଛନ୍ତି ରାଉରକେଲା ଛେଣ୍ଡ କଲୋନୀ ସ୍ଥିତ କଳିଙ୍ଗ ବିହାରର କିଶୋରୀ ମୋହନ କର। ବ୍ୟସ୍ତ ବହୁଳ ଜୀବନରେ ମଣିଷ ନିଜର ପରିବାର ସମ୍ପର୍କୀୟଙ୍କ ସହ ଠିକ୍ ଭାବେ ସମ୍ପର୍କ ରଖିପାରୁ ନ ଥିବାବେଳେ କିଶୋରୀ ମୋହନ ଲବଙ୍ଗ, ଅଳେଇଚ ଦେଇ ଦୀର୍ଘବର୍ଷ ଧରି ବନ୍ଧୁତ୍ୱକୁ ବଜାୟ ରଖିଛନ୍ତି ।

କିଶୋରୀଙ୍କ ଘର ଭଦ୍ରକ ଜିଲା କୁଆଁସ ଗ୍ରାମରେ ଏବଂ ଜନ୍ମ କେନ୍ଦ୍ରାପଡା ଜିଲା ରାଜକନିକା ଜାଗୁଲାଇପଡା ମାମୁଁ ଘରେ। ୧୯୭୧ରେ ରାଉରକେଲାରେ ଗ୍ରାଜୁଏଶନ ପରେ ସେଠାରେ ପ୍ରଥମେ ଶିକ୍ଷକତା ଓ ପରେ ଆରଏସ୍‌ପିରେ ଚାକିରି କରି ଅବସର ନେଇଥିଲେ। କିଶୋରୀ ତାଙ୍କ କଲେଜ ଜୀବନରୁ ଆଜି ପର୍ଯ୍ୟନ୍ତ ଏପରି କାମ କରି ସୃଷ୍ଟି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ। ୧୯୬୬ରେ ସେ ସେକ୍ଟର-୪ କଲେଜରେ ପଢୁଥିବା ବେଳେ ତାଙ୍କ ସହପାଠୀଙ୍କ ଦାନ୍ତ ଦରଜ ହେବା କଥା ଜାଣି ମୁଖବାସ ରୂପେ ଲବଙ୍ଗ ଓ ଅଳେଇଚ ଖାଇବାକୁ ଦେଇଥିଲେ । ଏଥିରେ ତାଙ୍କ ବନ୍ଧୁଙ୍କ ଦାନ୍ତ ଦରଜ ଠିକ୍ ହୋଇଥିଲା ଏବଂ ଅନ୍ୟ କୌଣସି ଗୁଟ୍‌ଖା ଜାତୀୟ ମସଲା ପ୍ରତି ସାଙ୍ଗମାନେ ଆକୃଷ୍ଟ ହୋଇ ନ ଥିଲେ। ସେହିଦିନ ଠାରୁ କିଶୋରୀ ବଞ୍ଚିଥିବା ଯାଏ ଲୋକଙ୍କୁ ଲବଙ୍ଗ ଓ ଅଳେଇଚ ବିତରଣ କରିବେ ବୋଲି ସଂକଳ୍ପ କରିଥିଲେ। ବାଟଘାଟରେ କୌଣସି ଲୋକ ଦେଖା ହୋଇଗଲେ ସଙ୍ଗେ ସଙ୍ଗେ ପ୍ୟାଣ୍ଟ୍ ପ୍ୟାକେଟ୍‌ରୁ ବାହାରି ପଡେ ଅଳେଇଚ ଓ ଲବଙ୍ଗ ଡବା। ଏଭଳି ଭାବେ କିଶୋରୀ ପ୍ରାୟ ୫୦ କେଜି ଲବଙ୍ଗ ଓ ୪୫ କେଜି ଅଳେଇଚ ବିତରଣ କରିସାରିଥିବା କହିଛନ୍ତି। ରାଉରକେଲା ସହରରେ ବେଶ୍ ଜଣାଶୁଣା ଏହି ଲବଙ୍ଗ ଭାଇନା ଖାଲି ଯେ ବନ୍ଧୁତ୍ୱ ସମ୍ପର୍କ ରଖନ୍ତି ତାହା ନୁହଁ, ବରଂ ଆଜି ୭୨ ବର୍ଷରେ ପଦାର୍ପଣ କରି ମଧ୍ୟ ସେ ନିଃଶୁଳ୍କରେ ଗରିବ ପିଲାଙ୍କୁ ପାଠ ପଢ଼ାଇବା, ବିଭିନ୍ନ କବିତା ଓ ଗଳ୍ପ ଲେଖି ସମାଜକୁ ଦିଗ୍‌ଦର୍ଶନ ଦେବା ଭଳି କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ସମ୍ପର୍କ ଗୋଟିଏ ବଡ଼ ଜିନିଷ। ଏହା କେବଳ ଅର୍ଥ ଦେଇ କିଣାଯାଇ ପାରେନା। ତେଣୁ ବଞ୍ଚିଥିବା ଯାଏ ଏଭଳି ଲୋକଙ୍କ ସହ ସମ୍ପର୍କ ଯୋଡିବା କାର୍ଯ୍ୟ ଜାରି ରଖିବି ବୋଲି କିଶୋରୀ କହିଛନ୍ତି। ତାଙ୍କ ସମ୍ପର୍କରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ରାଜୀବ ପାଣି କୁହନ୍ତି, କିଶୋରୀ ଜଣେ ବନ୍ଧୁବତ୍ସଳ ମଣିଷ । ତାଙ୍କ ମନରେ ସର୍ବଦା ଜିଜ୍ଞାସାର ଇଚ୍ଛା ଥାଏ । ସେ ସର୍ବଦା ଅନ୍ୟକୁ କିଛି ବାଣ୍ଟିବାରେ ଖୁସି ପାଆନ୍ତି। ସେହିପରି କୌଣସି ସ୍ଥାନରେ ଚିହ୍ନା ହେଉ କି ଅଚିହ୍ନା ସମସ୍ତଙ୍କୁ କିଶୋରୀ ଯେଉଁ ଲବଙ୍ଗ ଓ ଅଳେଇଚ ବାଣ୍ଟୁଛନ୍ତି ତାହା ଆମ ପାଇଁ ଶିକ୍ଷଣୀୟ ବୋଲି ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ କୁହନ୍ତି।

# ଭାରସାମ୍ୟ ହରାଇ ପାଚେରିକୁ ପିଟିଲା କାର୍

ରାଉରକେଲା ଅଫିସ,୨୪।୭

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ବିଏଲ୍ ବ୍ଲକରେ ରବିବାର ଏକ କାର ଭାରସାମ୍ୟ ହରାଇ ପାଚେରିରେ ପିଟି ହୋଇଛି। ଫଳରେ ପାଚେରି ଭାଙ୍ଗି ଯାଇଥିବା ବେଳେ ଏଥିରେ ଗାଡି ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ବାସନ୍ତୀ କଲୋନୀ ଡିଏଲ୍ ଛକ ପଟୁ ଏକ କାର୍ (ନଂ.ଓଡି୧୪ଇ/୦୯୯୯) ଦ୍ରୁତଗତିରେ ବାସନ୍ତୀ କଲୋନୀ ଓଭରବ୍ରିଜ୍ ଆଡକୁ ଯାଉଥିଲା ବେଳେ ଏକ ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିଲା। ବାଇକ୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ କାର୍‌ଟି ଜଣଙ୍କ ଘର ପାଚେରିରେ ପିଟି ହୋଇଥିଲା। ପୋଲିସ ଉଦିତନଗର ଥାନାରେ ଏକ ମାମଲା (ନଂ.୧୭୮।୨୨) ରୁଜୁ କରିବା ସହ କାରକୁ ଜବତ କରି ତଦନ୍ତ ଚଳାଇଛି।

# ଦୟାନନ୍ଦ ପବ୍ଲିକ ସ୍କୁଲରେ ଶିଶୁ ବିକାଶ କର୍ମଶାଳା

ସମ୍ବଲପୁର,୨୪।୭(ବ୍ୟୁରୋ)

ଶିଶୁ ବିକାଶ ବୃତ୍ତି ମାର୍ଗଦର୍ଶିକା ଶୀର୍ଷକ କର୍ମଶାଳା ରବିବାର ସମ୍ବଲପୁର ଧନୁପାଲି ଦୟାନନ୍ଦ ପବ୍ଲିକ ସ୍କୁଲ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସାଇକୋମେଟ୍ରିକ ତଥା ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଲଳିତ ମୋହନ ନାୟକ, ସୁରିୟାସ୍ମିତା ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ଶିଶୁର ବ୍ୟକ୍ତିତ୍ୱ ବିକାଶର ଆଠ ପ୍ରକାର କାର୍ଯ୍ୟ ବିଷୟରେ କହିଥିଲେ। ଦୟାନନ୍ଦ ପବ୍ଲିକ ସ୍କୁଲର ସଂଯୁକ୍ତା ତ୍ରିପାଠୀ କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ।

ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଝାରସୁଗୁଡା
OFFICE OF THE EXECUTIVE ENGINEER
RURAL WATER SUPPLY & SANITATION DIVISION,JHARSUGUDA
Inside Collectorate Campus,OMP Line,Jharsuguda-768204,
Ph:06645-270219 (Off), Fax:06645-270219,Email:eerwss_jha@nic.in
Quotation Call Notice No.05/RWS&S, Dt.20.07.22

No.O-705:1.Hiring of A/C Diesel driven Bolero/Vehicle TUV 300 (Preferably Petrol) for RWS&S Division, Jharsuguda under Jharsuguda District.
2. Total Number of Vehicle : 01 No.
3. Estimated Hire Cost : Rs.31,000/- per Month per Vehicle
4. Period of Contract : 24 Months
5. Quotation Paper dropping Last date & Time : 10.08.2022 by 11.00 A.M.
6. Quotation Paper opening date and time : 10.08.2022 by 11.30 A.M.

| Procurement Officer | Quotation Call Notice Number | Availability of tender Papers for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Jharsuguda | 05 of 2022-23 dt.20.07.2022 | 28.07.2022 at 10.00 A.M. | 08.08.2022 upto 5.30 P.M. |

Sd./-Superintending Engineer
RWS&S Division,Jharsuguda
OIPR-25008/11/0006/2223

e-Procurement Notice for Building Works Identification No. 06/SERW/BLS/2022-23

No.O-707:1.Name of the Work : Buildings. 2. Total No. of Works: 2 Nos. 3. Estimated Cost : Estimated Cost Rs.4.24 Lakh to 35.33 Lakh. 4. Class of Contractor : ‘D’, ‘C’ & ‘B’ Class. 5. Time of Completion : 1 & 3 Month (One and Three Calendar Month). 6. Other Details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 06/ SERW/ BLS/ 2022-23 | 29.07.2022 at 11.00 A.M. | 06.08.2022 upto 5.00 P.M. | 06.08.2022 upto 1.00 P.M. | 08.08.2022 at 11.00 P.M. |

Further details can be seen from the website: www.tendersodisha.gov.in.
Sd./- Superintending Engineer, R.W.Division, Balasore
OIPR-25108/11/0005/2223

# ବୃଦ୍ଧାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ, ୨ ଯୁବକ ଅଟକ

ବଲାଙ୍ଗୀର ଅଫିସ,୨୪।୭

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୁସମେଲ ଗାଁର ଜଣେ ବୃଦ୍ଧାଙ୍କୁ ଦୁଇଜଣ ଯୁବକ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବୃଦ୍ଧା ଜଣକ ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପାଇବା ପରେ ଏକ ମାମଲା (୩୧୭/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀ ୨ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ରବିବାର ଅପରାହ୍ଣରେ କୁସମେଲ ଗାଁର ଧାନ ସୁନା (୬୫) ଚାଷ ଜମିରେ କାମ କରୁଥିଲେ। ନିଜ ସ୍ୱାମୀଙ୍କୁ ଖାଇବା ଦେବାକୁ ଯିବାବେଳେ ଗାଈ ଚରାଉଥିବା କୁସମେଲର ଆଶିଷ ସିଂ (୨୩) ଓ ପୋଡ଼ମୁଣ୍ଡର ଫକୀର ଝାଙ୍କର (୩୨) ସମ୍ପୃକ୍ତା ବୃଦ୍ଧାଙ୍କୁ ଅଟକାଇ ଥିଲେ। ଏହାପରେ ତାଙ୍କ ତଣ୍ଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ତାଙ୍କ ସ୍ୱାମୀ ଓ ଆଖପାଖ ଜମିରେ କାମ କରୁଥିବା ଲୋକେ ସେଠାକୁ ଆସି ବୃଦ୍ଧାଙ୍କୁ ଉଦ୍ଧାର କରିବା ସହ ଦୁଇ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ। ବୃଦ୍ଧାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସଦର ପୋଲିସ ଥାନାଧିକାରୀ ଶ୍ରୀକାନ୍ତ ସାହୁ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଧରିଥିଲେ। ଉକ୍ତ ଦୁଇ ଯୁବକଙ୍କୁ ମଧ୍ୟ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୭ ଓ ୩୪ ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ସମ୍ବଲପୁରୀ ଏକତା ମଞ୍ଚର ପ୍ରସ୍ତୁତି ବୈଠକ, ସାମ୍ବାଦିକ ଭବନ, ସନ୍ଧ୍ୟା ୫ଟା
- ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ, ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ପୂର୍ବାହ୍ନ ୧୧ଟା ।

## ସଂକ୍ଷେପରେ

### ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭାଜପାର ଅଭିନନ୍ଦନ

**କୁଚିଣ୍ଡା,୨୪।୭(ଡି.ଏନ.ଏ.):** ଦେଶର ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ମଣ୍ଡଳ ସଭାପତି ଦୁଷ୍ମନ୍ତ କୁମାର ନାୟକ, ମନୋଜ କୁମାର ମାଝି, ପପୁ ସିଂ ନୂଆଦିଲ୍ଲୀରେ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି।ସମ୍ବଲପୁର ଜିଲାର ଫସଲବୀମା ସମସ୍ୟା ପାଇଁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଦାବିପତ୍ର ଦେବାକୁ ଯାଇଥିବା ଅବସରରେ ଏହି ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି।

### ନଈକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

**କୁଚିଣ୍ଡା,୨୪।୭(ଡି.ଏନ.ଏ.):** କୁଚିଣ୍ଡା ଥାନା ସଇଡା ଭେଡେନ ନଦୀ ବାଇପାସ୍ ନୂଆପୋଲ ଉପରୁ ଡେଇଁ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନହରପାଲି ଥାନା ଅଞ୍ଚଳର ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କୁଚିଣ୍ଡା ପୋଲିସ ଘଟଣାସ୍ଥଳରୁ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଛି। ଯୁବତୀଙ୍କ ଡାହାଣ ଗୋଡ ଭାଙ୍ଗିଯାଇଥିବାବେଳେ ମୁଣ୍ଡରେ ମଧ ଆଘାତ ଲାଗିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରବିବାର ମଧାହ୍ନରେ ପୋଲ ଉପରେ ଏହି ଯୁବତୀଙ୍କ ସହ ଜଣେ ଯୁବକଙ୍କ ପାଟିତୁଣ୍ଡ ହୋଇଥିଲା। ଯୁବକ ଜଣକ ସେଠାରୁ ଚାଲିଯିବା ପରେ ଯୁବତୀ ୫୦ଫୁଟ୍ ପୋଲ ତଳକୁ ଡେଇଁ ପଡିଥିଲେ। ଯୁବକ ଜଣକ ବାମରା ଅଞ୍ଚଳର ବୋଲି ଶୁଣିବାକୁ ମିଳୁଛି। ଏ ନେଇ କୁଚିଣ୍ଡା ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ହୀରାକୁଦରେ ଚାରା ରୋପଣ

**ସମ୍ବଲପୁର,୨୪।୭(ବ୍ୟୁରୋ):** ସମ୍ବଲପୁର ହୀରାକୁଦରେ ରବିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଜେଡିର ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜୋନ ଛାତ୍ର ଜନତା ଦଳ ପକ୍ଷରୁ ଏହା ଆୟୋଜନ ହୋଇଥିଲା। ଜୋନ ସଭାପତି ମିଲନ ହୋତାଙ୍କ ନେତୃତ୍ୱରେ ତଥା ବିଜେଡ଼ି ଯୁବନେତା ବିଷ୍ଣୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଜେଡିର ପୂର୍ବତନ କାର୍ଯ୍ୟକାରୀ ସଭାପତି ସଞ୍ଜିତ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ହୀରାକୁଦ ଆଇଟିଆଇ ତାଲିମ ଶିକ୍ଷାକେନ୍ଦ୍ର ସମ୍ମୁଖରେ ଆମ୍ବ, ଲିମ୍ବ, ଶାଗୁଆନ, ପଣସ, ଦେବଦାରୁ ଭଳି ବୃକ୍ଷ ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହିଳା ବିଜେଡ଼ି ରାଜ୍ୟ ଉପସଭାପତି ସିପ୍ରା ମହାନ୍ତି, ପୂର୍ବତନ ରାଜ୍ୟ ସମ୍ପାଦକ ମୋହିତ ନାୟକ, ଜିଲା ଉପସଭାପତି ତ୍ରିବେଣୀ ପଣ୍ଡା, ଭାଗ୍ୟ ଲେଖା ଚୌଧୁରୀ, ହିନ୍ଦ ମଜଦୁର ସଭା ସଭ୍ୟ ଦୁର୍ଯ୍ୟୋଧନ ମହାନ୍ତି, ବଳରାମ ଦାସ, ସୁରେନ୍ଦ୍ର ବିଶ୍ୱାଳ, ହିଣ୍ଡାଲ୍କୋ ଶ୍ରମିକ ସଂଘ ପକ୍ଷରୁ ଶ୍ରୀକାନ୍ତ ପ୍ରଧାନ, ମିଲୁ ସାହୁ, ଆଦିତ୍ୟ ପ୍ରଧାନ, ହରେକୃଷ୍ଣ ସା ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ଝାରସୁଗୁଡ଼ା ଅଫିସ,୨୪।୭:** ଝାରସୁଗୁଡା ଜିଲା ବେଲପାହାଡର ସାମାଜିକ କର୍ମୀ ପାରଶ ଜୟସ୍ୱାଲ(୬୪)ଙ୍କ ହୃଦଘାତରେ ରବିବାର ଅକାଳ ବିୟୋଗ ହୋଇଛି। ସେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ନିକଟସ୍ଥ ଟାଟାକ୍ରୋସାକୀ ହସ୍ପିଟାଲ୍କୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନକରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସୋମବାର ସକାଳେ ମୃତଦେହ ସତ୍କାର କରାଯିବ ବୋଲି ପରିବାର ତରଫରୁ ଜଣାପଡିଛି। ତାଙ୍କର ସ୍ତ୍ରୀ, ଝିଅ ଓ ପୁଅ ରହିଛନ୍ତି। ସେ ଭାଜପା ଜିଲା ଉପସଭାପତି, କାର୍ଯ୍ୟକାରୀ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଏମ୍‌ପି ପ୍ରତିନିଧି, ବେଲପାହାଡ ଜଗନ୍ନାଥ ମନ୍ଦିର କମିଟି ସଭାପତି ଭାବେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଥିଲେ । ୨ମାସ ତଳେ ସେ ଭାଜପା ଛାଡି ବିଜେଡିରେ ଯୋଗଦେଇଥିଲେ ।

# ସମ୍ବଲପୁରରେ ହେବ ଚଳଚ୍ଚିତ୍ର ପ୍ରଶିକ୍ଷଣ ପ୍ରତିଷ୍ଠାନ

**ସମ୍ବଲପୁର,୨୪।୭(ବ୍ୟୁରୋ)**

ଓଡ଼ିଶାର ସମ୍ବଲପୁରଠାରେ ଖୁବ୍‌ଶୀଘ୍ର ଏକ ଚଳଚ୍ଚିତ୍ର ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ଫିଲ୍ମ ଷ୍ଟୁଡ଼ିଓ ସ୍ଥାପନ ହେବ। ଏହା ଦ୍ୱାରା ଜିଲାର କଳାକାରଙ୍କୁ ଉଚିତ ପ୍ଲାଟଫର୍ମ ମିଳିବ। ଏବେ ସିନେମାରେ ଗୀତ ଗାଇବାକୁ ସମ୍ବଲପୁର ଝିଅ ସିଦ୍ଧି ପ୍ରିୟଦର୍ଶିନୀଙ୍କୁ ସୁଯୋଗ ମିଳିଛି। ଆଗାମୀ ସିନେମାରେ ଆଉ ୪ଜଣ କଳାକାରଙ୍କୁ ପ୍ରତିଭା ଦେଖାଇବାକୁ ସୁଯୋଗ ଦିଆଯିବ ବୋଲି ରବିବାର ପବ୍ଲିକ୍ ଲାଇବ୍ରେରୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିନେମା ବିତରକ ପ୍ରସନ୍ନଜିତ ବି. ମିଶ୍ର ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ପ୍ରତିଷ୍ଠାନର ମୂଳ ଲକ୍ଷ୍ୟ ଅଭିନୟ, ସଙ୍ଗୀତ ପ୍ରଭୃତି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରି ତରୁଣ ପ୍ରତିଭାମାନଙ୍କୁ ସିନେମାରେ ସୁଯୋଗ ଦେବା। ମୁ ଝାରସୁଗୁଡା ଜିଲା



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ବେଲପାହାଡ଼ ବାସିନ୍ଦା ତଥା ଗଙ୍ଗାଧର ମେହେର କଲେଜର ପୁରାତନ ଛାତ୍ର। ତେଣୁ ସମ୍ବଲପୁର ପ୍ରତି ମୋର ଦୁର୍ବଳତା ରହିଛି। ମୁମ୍ବାଇରେ ନିର୍ମାଣାଧୀନ ଓ ପ୍ରଶାନ୍ତ ରାୟ ମାଇକେଲଙ୍କ ନିର୍ଦ୍ଦେଶିତ ବହୁଭାଷୀ ସିନେମା ଇନ୍ତିଜାରରେ ସମ୍ବଲପୁରର ସିଦ୍ଧି ପ୍ରିୟଦର୍ଶିନୀ କଣ୍ଠଦାନ ସହିତ ମୁଖ୍ୟ ଅଭିନେତ୍ରୀ ଭାବେ ଅଭିନୟ କରିବେ। ସିନେମାର କଷ୍ଟ୍ୟୁମ୍‌କୁ ସମ୍ବଲପୁରୀ ବସ୍ତ୍ର ଡିଜାଇନର ସମ୍ପ୍ରିତା ପଣ୍ଡା, ଶ୍ରେୟା ପୂଜାରୀ ସହଯୋଗ କରିଛନ୍ତି। ବଙ୍ଗଳା ସହିତ ତାମିଲ, ତେଲୁଗୁ, ଅସମିଆ ଓ ମାଲାୟଲାମ୍ ଭାଷାରେ ପରିକଳ୍ପିତ ଅନ୍ୟ ଏକ ଚଳଚ୍ଚିତ୍ର ଆରମ୍ଭ ହେବ। ବଙ୍ଗାଳି ଭାଷାର ଚଳଚିତ୍ର ଭାଲୋବାସାର୍ ଜର୍ନୋରେ ମଧ ସିଦ୍ଧିଙ୍କ ସହିତ ସମ୍ବଲପୁରର ଚାରି ଜଣ ପ୍ରତିଭାଙ୍କୁ ସୁଯୋଗ ମିଳିବ। ସିକ୍କିମ୍ ଓ

#### କଳାକାରଙ୍କୁ ମିଳିବ ପ୍ରୋତ୍ସାହନ

ସିଲିଗୁଡ଼ିରେ ଏହାର ଶୁଟିଂ କରାଯିବ। ଦୁର୍ଗାପୂଜା ଆଗରୁ ଏହି ଚଳଚ୍ଚିତ୍ରର ଗୀତ ମୁକ୍ତି ଲାଭ କରିବ। ଆଗକୁ ଓଡ଼ିଆ ସିନେମା ପ୍ରଯୋଜନାର ଲକ୍ଷ୍ୟ ରହିଛି ବୋଲି ପ୍ରସନ୍ନଜିତ ସୂଚନା ଦେଇଥିଲେ। ସିଦ୍ଧି ପ୍ରିୟଦର୍ଶିନୀ କହିଥିଲେ, ଅଭିନୟ ଓ କଣ୍ଠଦାନର ସୁଯୋଗ ପାଇ ସେ ଅଭିଭୂତ। ଏଥିପାଇଁ ପ୍ରସନ୍ନଜିତ ମିଶ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ। ଖବରଦାତା ସମ୍ମିଳନୀରେ ସିଦ୍ଧିଙ୍କ ମାଆ ସୁପ୍ରଭା ଓ ବାପା ସମୀର ରଞ୍ଜନ, ଅଜା ପ୍ରଫୁଲ୍ଲ ହୋତା ଓ ଆଈ ଶୁଭଲକ୍ଷ୍ମୀ, ଫ୍ୟାଶନ୍ ଡିଜାଇନର ସମ୍ପ୍ରିତା ପଣ୍ଡା, ଶ୍ରେୟା ପୂଜାରୀଙ୍କ ସହିତ ଭାରତୀ ପଣ୍ଡା, ତୁଷାର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସଦରରେ ଫାଙ୍କିଥିଲେ, ଧମାରେ ଫସିଲେ

**ସମ୍ବଲପୁର,୨୪।୭(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ମୁଣ୍ଡେର ଜଙ୍ଗଲରୁ ୮ମାସ ତଳେ ଦନ୍ତାହାତୀ ହାଡ ଜବତ ଘଟଣାକୁ ବନ ବିଭାଗ ବିଭିନ୍ନ ଆଳ କରି ଫାଙ୍କି ଦେଇଥିଲା। ହେଲେ ଧମା ରେଞ୍ଜରେ ବନ ବିଭାଗର ମିଛ ଧରାପଡ଼ି ଫସିଯାଇଛି। ରବିବାର କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଧମା ରେଞ୍ଜ କୋଲଗାଁ ସଂରକ୍ଷିତ ଜଙ୍ଗଲ ଓ ତବଲୋଇ ଜଙ୍ଗଲରୁ ହାତୀ କଙ୍କାଳ ଜବତ କରିଛି। ଏହି ଘଟଣାରୁ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ମିଳିମିଶି ଦନ୍ତା ଶିକାର ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ ଯେ, ୨୦୨୧ ଅକ୍ଟୋବର ୧୯ ସଦର ରେଞ୍ଜ ମୁଣ୍ଡେର ସଂରକ୍ଷିତ ଜଙ୍ଗଲ ଡୁମେରଚୁଆଁ ନିକଟରୁ ଦନ୍ତା ହାତୀର ହାଡ ଓ ପାଉଁଶକୁ ନେଇ ଧରିତ୍ରୀ ଏବଂ ଓଡିଶାପୋଷ୍ଟରେ ସତନ୍ତ୍ର ଭାବେ ଖବର ପ୍ରକାଶ ପାଇଥିଲା। ବନ ବିଭାଗ ଟିମ୍ ପହଞ୍ଚି ଘଟଣାସ୍ଥଳରୁ ହାଡ଼ ଓ ପାଉଁଶ ଜବତ କରିଥିଲା। ତାହାକୁ ଓ୍ୱୁଏଟି ଲ୍ୟାବକୁ ପଠାଯାଇଥିଲା। ହେଲେ ଏଯାଏ ରିପୋର୍ଟ ଆସିଲା ନାହିଁ କି ଡିଏଫ୍‌ଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ହେଲେ ବନ ବିଭାଗର ମିଛ ଲୋକଲୋଚନକୁ ଆସିଛି। ଏହି ଘଟଣାର ତୁରନ୍ତ ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ରାସ୍ତାରେ ଚାଲୁଛି ଲୁହାଚକ ଲଗା ଟ୍ରାକ୍ଟର

**ଜମନକିରା,୨୪।୭(ଡି.ଏନ.ଏ.)**

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ରାସ୍ତାରେ ଯାନବାହନ ଯାତାୟାତ ପାଇଁ ଅନେକ ନୀତି ନିୟମ କରିଛନ୍ତି। ଲୁହାଚକ ଲଗାଇ କୌଣସି ଗାଡ଼ି ରାସ୍ତାରେ ଯାଇପାରିବ ନାହିଁ ବୋଲି ନିୟମ ରହିଛି। ହେଲେ ଜମନକିରା ବ୍ଲକ ଅଞ୍ଚଳରେ ଏହାର ଖୋଲା ଉଲ୍ଲଂଘନ ହେଉଥିବା ଦେଖାଯାଉଛି। ଏ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବ ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ ବାଗେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

ପ୍ରକାଶ ଯେ, ଏହି ବ୍ଲକ ଅନ୍ତର୍ଗତ ଫାଶିମାଲରୁ ମେଣ୍ଢାବହାଲ ପର୍ଯ୍ୟନ୍ତ ଦୀର୍ଘ ୧୮ କିମି ରାସ୍ତାକୁ ୮ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ହେଲେ ମରାମତି କରା ନ ଯିବାରୁ ରାସ୍ତା ଶୋଚନୀୟ ହୋଇପଡିଥିଲା। ବହୁ ଦାବି ପରେ



#### ଥାନାରେ ଏତଲା ଦିଆଯିବ : ବିଭାଗୀୟ ଯନ୍ତ୍ରୀ

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା କାମ କରାଯାଇଥିଲା। ଏବେ ସେହି ରାସ୍ତାକୁ ଆର୍‌ଆଣ୍ଡବିକୁ ହସ୍ତାନ୍ତର କରାଯାଇଥିବା ବେଳେ ବିଭାଗ ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଉଛି। ଉକ୍ତ ରାସ୍ତାରେ ଲୁହା ଚକ ଲଗାଇ ଗାଡ଼ି ଯାତାୟାତ କରିବାକୁ ବାରଣ କରାଯାଇଛି। ଗତ ବୁଧବାର ଲୁହାଚକ ଲାଗିଥିବା ଏକ ଟ୍ରାକ୍ଟର ଯାଉଥିବା ବେଳେ କେତେଜଣ ଗଣମାଧ୍ୟମ ପ୍ରତିନିଧି ଗାଡ଼ିକୁ ଅଟକାଇ ପଚାରିଥିଲେ। ନାବାଳକ ଚାଳକ ଜଣକ ମାଲିକଙ୍କ ନାଁ ନେଇ ଯାଉଥିବା କହିଥିଲେ। ଗଣମାଧ୍ୟମ ପ୍ରତିନିଧି ମାଲିକଙ୍କୁ ପଚାରିବାରୁ ସବୁଦିନେ ଏହି ରାସ୍ତାରେ ଲୁହାଚକ ଲଗାଇ ଗାଡି ଯା'ଆସ କରୁଛନ୍ତି। ମୋତେ କେବଳ ପଚାରୁଛନ୍ତି ବୋଲି ଓଲଟା ପ୍ରଶ୍ନ କରିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ବାଗେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ରେଢ଼ାଖୋଲରେ ବଢୁଛି ଲୁଟ୍, ସୁରକ୍ଷିତ ମଣୁନାହାନ୍ତି ଲୋକେ

**ରେଢ଼ାଖୋଲ,୨୪।୭(ଡି.ଏନ.ଏ.)**

ରେଢାଖୋଲ ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଲୁଟ୍ କରି ଫେରାର ହୋଇଯାଉଛନ୍ତି। ହେଲେ ପୋଲିସ ଏହାର ଟେର ପାଉନାହିଁ। ଫଳରେ ସାଧାରଣ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଶନିବାର ରେଢ଼ାଖୋଲ-ବୁର୍ଡା ରାସ୍ତାରେ ଭାରତ ଫାଇନାନ୍ସ କମ୍ପାନୀର ରାହାସ ଭୋଇନା ନାମକ କର୍ମଚାରୀଙ୍କଠାରୁ ଲୁଟେରାମାନେ ୨୦ହଜାର ଟଙ୍କା ସହ ଲାପ୍‌ଟପ୍ ଓ ମୋବାଇଲ ଲୁଟ୍ କରି ଫେରାର ହୋଇଯାଇଛନ୍ତି। ଏ ନେଇ ରାହାସ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ଗତ ଏପ୍ରିଲ ମାସରେ ରେଢାଖୋଲ-ନାକ୍ଟିଦେଉଳ ରାସ୍ତାର ମୁଟୁରୁମୁଣ୍ଡା ଘାଟିରୁ ରଙ୍ଗମାଟିଆ ଗ୍ରାମର ବୁଲୁ ପ୍ରଧାନଙ୍କଠାରୁ ଲୁଟେରାମାନେ ୯୮ ହଜାର ଲୁଟିନେଇଥିଲେ। ଏହାର କିଛିଦିନ ପରେ ଦିନ ଦ୍ୱିପ୍ରହରରେ ସହରରେ ଥିବା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ଜଣେ ଅଙ୍ଗନୱାଡି କର୍ମୀ ୩୦ ହଜାର ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ସେହିପରି ରେଢାଖୋଲ ସାପ୍ତାହିକ ବଜାରରୁ ମୋବାଇଲ ଓ ବାଇକ୍ ଲୁଟ୍ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସମସ୍ତ ଘଟଣାରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଉ ନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସମ୍ବଲପୁରରେ କ୍ୟୁରିଅସ୍ କବ୍‌ସ ପ୍ରି-ସ୍କୁଲ୍ ଶାଖା



ସ୍କୁଲ ଉଦ୍‌ଘାଟନ କରାଯାଉଛି ।

**ସମ୍ବଲପୁର,୨୪।୭(ବ୍ୟୁରୋ)**

ସମ୍ବଲପୁର ଚେରୁଆପଡା ଷ୍ଟେଶନ ରୋଡରେ କ୍ୟୁରିଅସ୍ କବ୍‌ସ ପ୍ରି-ସ୍କୁଲ୍ ଏକ ଶାଖା ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ସହ ପ୍ରତିଷ୍ଠାତା ଓ ସହ ଅଧ୍ୟକ୍ଷା ଦେବଶ୍ରୀ ଦେବଯାନି ବକ୍ତବ୍ୟରେ କହିଥିଲେ, ଏହି ସ୍କୁଲର ଯାତ୍ରା ୭ ଜଣରୁ ଆରମ୍ଭ ହୋଇଥିବାବେଳେ ଏବେ ୬୦୦ରୁ ଅଧିକ ଛାତ୍ରୀଛାତ୍ର ହୋଇସାରିଛନ୍ତି। ସମ୍ବଲପୁର ସମେତ ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱରରେ ସ୍କୁଲ ରହିଛି। ଏହା ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ସଂସ୍ଥା, ଯେଉଁଠି ୮୦ରୁ ଅଧିକ ମହିଳା ଷ୍ଟାଫ୍ ନିଯୁକ୍ତି ପାଇଛନ୍ତି। ସ୍କୁଲ ପ୍ରତିଷ୍ଠାତା ସାରାଂଶ ପାନ୍‌ସାରି କହିଥିଲେ, ଏହି ସ୍କୁଲ ହେଉଛି ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଓ ଅନ୍ୟତମ ପ୍ରିମିୟମ୍ ପ୍ରି-ସ୍କୁଲ। ଆନ୍ତର୍ଜାତିକ ପାଠ୍ୟକ୍ରମ, ଉନ୍ନତ ଭିତ୍ତିଭୂମି ଓ ଅଭିନବ ଶିକ୍ଷାଦାନ ପଦ୍ଧତି ପାଇଁ ଏହା ପରିଚିତ। ପାରମ୍ପରିକ ଶିକ୍ଷାଦାନ ପଦ୍ଧତି ବଦଳାଇବା ଆମର ଲକ୍ଷ୍ୟ। ଶିକ୍ଷକମାନେ ପରୀକ୍ଷାମୂଳକ ଉପାୟରେ ଶିକ୍ଷାଦାନ କରୁଛନ୍ତି। ଦେଶର ଶ୍ରେଷ୍ଠ ସ୍କୁଲର ଶିକ୍ଷା ବିଶେଷଜ୍ଞଙ୍କ ଦ୍ୱାରା ଆମ ଶିକ୍ଷକମାନେ ତାଲିମପ୍ରାପ୍ତ। ସୁରକ୍ଷା ଓ ଆରାମ ପାଇଁ କ୍ୟାମ୍ପସ୍‌ରେ ସିସିଟିଭି ଓ ଶ୍ରେଣୀଗୃହରେ ଏସି ବ୍ୟବସ୍ଥା ରହିଛି। ଆମେ ଆଦ୍ୟ ବାଲ୍ୟାବସ୍ଥା ଶିକ୍ଷା କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଚେଷ୍ଟା କରୁଛୁ ବୋଲି କହିଥିଲେ।

# ପ୍ରତିଭା ବିକାଶ ଅଭିଯାନର କର୍ମକର୍ତ୍ତା ନିର୍ବାଚନ



ପ୍ରତିଭା ବିକାଶ ଅଭିଯାନର ନୂତନ କର୍ମକର୍ତ୍ତା।

**କୁଚିଣ୍ଡା,୨୪।୭(ଡି.ଏନ.ଏ.)**

କୁଚିଣ୍ଡାରେ ଶନିବାର ପ୍ରତିଭା ବିକାଶ ଅଭିଯାନର ସାଂଗଠନିକ ବୈଠକ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଶିକ୍ଷକ ଲକ୍ଷପତି ନନ୍ଦଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ସଂଯୋଜକ ରମେଶ କିଶାନ ବିବରଣୀ ପାଠ କରିଥିବା ବେଳେ ଆବାହକ ପ୍ରଭାତ ବେହେରା ସ୍ୱାଗତ ଭାଷଣ ଦେଇ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୁଚିଣ୍ଡା ବ୍ଲକ କମିଟି ଗଠନ କରାଯାଇଥିଲା। ଏଥିରେ ସୁବାସ ଚନ୍ଦ୍ର ନାୟକ ସଭାପତି, ରଜନୀ ପଟେଲ, କଲ୍ୟାଣୀ ପଟେଲ ଓ ଅତୁଲ ଅଗ୍ରୱାଲ ଉପସଭାପତି, ବିଜୟ ସାହୁ ସାଧାରଣ ସମ୍ପାଦକ, ପ୍ରଣବ ଦ୍ୱିବେଦୀ ଓ ସରୋଜ ମେହେର ସହସମ୍ପାଦକ, ସୁଗତ କୁମାର ପଟେଲଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ବୈଠକରେ ବରିଷ୍ଠ ସଦସ୍ୟ ରତନଲାଲ ସିଂ, ଦେବେନ୍ଦ୍ର ପଟେଲ, ସତ୍ୟନାରାୟଣ ପଟେଲ, ପ୍ରଫୁଲ୍ଲ ସାହୁ, ରମାକାନ୍ତ ମହାକୁଳ, ରବୀନ୍ଦ୍ର କୁମାର ଦାସ, ସନ୍ତୋଷ କୁମାର ପଟେଲ, ତୁଳସୀ ମଞ୍ଜରୀ ବହିଦାର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୪।୭**

ଭାରତୀୟ ଯୁବ ହଷ୍ଟେଲ୍‌ସ ରାଉରକେଲା ଶାଖା ଓ କେୟାର ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ରବିବାର ଏକ ସ୍ୱାସ୍ଥ୍ୟ ଶିବିର ରବିବାର ଯୁବ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଛି। ଆରଏସ୍‌ପି ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ ହୋତା ଏହାକୁ ଉଦ୍‌ଘାଟନ କରିଥିଲେ। ଆରଏସ୍‌ପିର ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀକାନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିବିରରେ କେୟାର ହସ୍ପିଟାଲର ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଦୀପକ ପରିଡା, ବାରିଆଟିକ ସର୍ଜନ ଡ. ତାପସ ମିଶ୍ର, ହୃଦରୋଗ ବିଶେଷଜ୍ଞ ଡ. ବିକ୍ରମ କେଶରୀ ମହାପାତ୍ର, ଡ. ଏସ୍. ଆର. ସାହୁ ଓ ଚକ୍ଷୁ ବିଶେଷଜ୍ଞ ଡା. ସୁନୀତା ସାମଲ ଯୋଗଦେଇ ୨୨୩ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଗଣେଶ ପ୍ରସାଦ ବାଗେଡିଆ, ବୁଦ୍ଧଦେବ ବାସୁ, ନିରଞ୍ଜନ ବେହେରା, ପ୍ରତାପ କୁମାର ସ୍ୱାଇଁ, ନୀଳମଣି ମହାପାତ୍ର, ପଙ୍କଜ କୁମାର ପାଢ଼ୀ, ସଚ୍ଚିଦାନନ୍ଦ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଯୁବ ହଷ୍ଟେଲର ସମ୍ପାଦକ ନିରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଲାବିରାରେ ଭାଜପାର ବିଜୟ ଉତ୍ସବ

**କୋଲାବିରା,୨୪।୭(ଡି.ଏନ.ଏ.)**

ଦ୍ରୌପଦୀ ମୁର୍ମୁ ନୂଆ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଦେଶବ୍ୟାପୀ ବିଜୟ ଉତ୍ସବ ପାଳନ କରାଯାଉଛି। କୋଲାବିରା ମଣ୍ଡଳ ଭାଜପା ପକ୍ଷରୁ ବଡବାହାଲଠାରେ ମଧ୍ୟ ଉତ୍ସବ ପାଳନ କରାଯାଇଛି। ଦଳୀୟ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ସହ ନେତା ଓ କର୍ମୀମାନେ ମିଠା ବଣ୍ଟନ କରି ଖୁସି ମନାଇଥିଲେ। ମଣ୍ଡଳ ସଭାପତି ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଝିଲ୍ଲାପାଲି ସରପଞ୍ଚ ତିଲୋତ୍ତମା ଛଛାନ, ମନୋଜ ସାହୁ, ବଳରାମ ପାଣ୍ଡେ, ଅଶୋକ କୁମାର ବେହେରା, ଅରୁଣା କୁମାର ବେହେରା, ବସନ୍ତ ପଟେଲ, ସଞ୍ଜୟ ପୂଜାରୀ, ଅନନ୍ତ କୁମୁରା, ଅସିତ ରାଓ, ଡୋଲାମଣି ନାୟକ, ପୀତାମ୍ବର କିଷାନ, ତରଣୀ ସେଠ୍ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।




ଉତ୍ସବରେ ସାମିଲ ହୋଇଥିବା ଦଳୀୟ କର୍ମକର୍ତ୍ତା।

# ସାକ୍ଷୀପଡ଼ାରେ ବିବିଧ ପ୍ରତିଯୋଗିତା

**ସମ୍ବଲପୁର,୨୪।୭(ବ୍ୟୁରୋ)**

ଆସନ୍ତା ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ ସକାଶେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ରବିବାର ସମ୍ବଲପୁର ସାକ୍ଷୀଗୋପୀନାଥ ପଡ଼ାଠାରେ ରଙ୍ଗୋଲି, ଚିତ୍ରାଙ୍କନ, ମେହେନ୍ଦୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାକୁ ତମନ୍ନା ଫାଉଣ୍ଡେଶନର ସାଧାରଣ ସମ୍ପାଦକ ଆକାଶ ଶତପଥୀ ଓ ସମ୍ବଲପୁରୀ ଦିନ ସଂଯୋଜକ ଡ. ପ୍ରମୋଦ ରଥ ଉଦଘାଟନ କରିଥିଲେ । ପଶ୍ଚିମାଞ୍ଚଳ ଏକତା ମଞ୍ଚ ଅର୍ଥ ସଂଯୋଜକ ସୁବୋଧ ଦୋରା, ଭାଷା ସାହିତ୍ୟ ସଂଯୋଜିକା ପଙ୍କଜିନୀ ମେହେର, ମହିଳା ସଂଯୋଜିକା କାନ୍ତି ମେହେର, ସମ୍ବଲପୁର ଶାଖା ସଂଯୋଜକ ଲଳିତ ମୋହନ ବେବର୍ତ୍ତା ପ୍ରମୁଖ ପ୍ରତିଯୋଗୀତାକୁ ପରିଚାଳନା ଓ ସୁରେନ୍ଦ୍ର ବର୍ଗତ୍ତି ସଂଯୋଜନା କରିଥିଲେ। ଚିତ୍ରଶିଳ୍ପୀ କୁଳଦିପ ବର୍ମା, ବି. ଅଞ୍ଜଳି ରାଓ, ବନ୍ଦନା ପଣ୍ଡା, ସୁଜାତା ବେହେରା ବିଚାରକ



ମେହେନ୍ଦୀ ପ୍ରତିଯୋଗିତାରେ ପ୍ରତିଯୋଗୀ ଓ ବିଚାରକମାନେ ।

#### ଅଗଷ୍ଟ ୧ରେ ସମ୍ବଲପୁରୀ ଦିନ

ଥିଲେ। ବୁଦ୍ଧଦେବ ବର୍ଗତ୍ତି, ଜ୍ୟୋତ୍ସ୍ନାମୟୀ ବିଶି, ସୁକାନ୍ତ ବିଶ୍ୱାସ, ରାହୁଲ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅଗଷ୍ଟ ୧ରେ ଜେଲଛକ ନିକଟରେ ହେବାକୁ ଥିବା ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଶେଷରେ ତମନ୍ନା ବର୍ଗତ୍ତି ଧନ୍ୟବାଦ ଦେଇଥିଲେ । ସୂଚନାଯୋଗ୍ୟ ଗୁରୁ ସତ୍ୟନରାୟଣ ବହିଦାର ସମ୍ବଲପୁରୀ କବି କଳାକାରଙ୍କୁ ଏକଜୁଟ କରିବା, ଭାଷା ସଂସ୍କୃତିର ପ୍ରଚାର ପ୍ରସାର ଲାଗି ସାରା ଜୀବନ କାର୍ଯ୍ୟ କରିଥିଲେ। ତାଙ୍କ ଜନ୍ମଦିନକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ଭାବେ ପାଳନ କରାଯାଇଆସୁଛି।

## ସଂକ୍ଷେପରେ

### ଟ୍ରକ ଦୁର୍ଘଟଣା: ଡ୍ରାଇଭର ମୃତ

**ଲେଫ୍ରିପଡ଼ା,୨୪।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଏମ୍‌ସିଏଲ୍ ସୁନ୍ଦରଗଡ଼ ରାସ୍ତା ଦେଉଳି ନିକଟରେ ରବିବାର ତିନୋଟି ଟ୍ରକ ମଧ୍ୟରେ ଧକ୍କା ହେବାରୁ ଜଣେ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଏମ୍‌ସିଏଲ ପଟୁ ଆସୁଥିବା କୋଇଲା ବୋଝେଇ ଟ୍ରକ ନଂ. ଓଡି୨୩ ସି ୨୩୯୩ ସହିତ ସୁନ୍ଦରଗଡ଼ ପଟୁ ଯାଉଥିବା ଟ୍ରକ ନଂ. ଓଡି ୧୬ସି ୨୫୩୯ରେ ମୁହାଁମୁହିଁ ଧକ୍କା ହୋଇଥିଲା। ସୁନ୍ଦରଗଡ଼ ପଟୁ ଯାଉଥିବା ଆଉ ଏକ ଟ୍ରକ ନଂ. ଓଡି ୧୬ ଏଫ-୨୬୯୪ ମଧ୍ୟ ଆସି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଧକ୍କା ଦେଇଥିବା ଜଣାପଡିଛି। ଫଳରେ ଓଡି ୨୩ ସି-୨୩୯୩ ଗାଡିର ଡ୍ରାଇଭର ମୁକେଶ ରାୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଟ୍ରକ କ୍ୟାବିନକୁ ଗ୍ୟାସ କଟରରେ କଟାଯାଇ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ପଠାଇ ଏକ ମାମଲା ପୋଲିସ ରୁଜୁ କରିଛି।

### କୁତ୍ରାର ଟେକ ରଖିଲେ ଶ୍ରୀଷ୍ଟି



**କୁତ୍ରା, ୨୪।୭(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଗ୍ରାମର ଟେକ ରଖିଛନ୍ତି ଶ୍ରୀଷ୍ଟି ଅଗ୍ରୱାଲ। ଗତ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବାଣିଜ୍ୟ ବିଭାଗ ପରୀକ୍ଷାରେ ଶତକଡା ୯୯.୨ ପ୍ରତିଶତ ମାର୍କ ଆଣି କୁତ୍ରାର ଗୌରବ ରଖିଛନ୍ତି। କୁତ୍ରାର ଯୁବ ବ୍ୟବସାୟୀ ଅନୁପ ଅଗ୍ରୱାଲ ଏବଂ ପୁନମ ଅଗ୍ରୱାଲଙ୍କ ଝିଅ ଶ୍ରୀଷ୍ଟି ଭୁବନେଶ୍ୱରଠାରେ ଅବସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ବାଣିଜ୍ୟ ବିଭାଗରେ ପାଠ ପଢୁଥିଲେ। ସେ ପରୀକ୍ଷାରେ କୃତୀତ୍ୱର ସହ ଶତକଡା ୯୯.୨ ମାର୍କ ରଖିବା ସହ ନିଜ ଶିକ୍ଷାନୁଷ୍ଠାରେ ମଧ୍ୟ ଟପ୍ପର ହୋଇଛନ୍ତି। ସେ ଦଶମ ଶ୍ରେଣୀ କୁତ୍ରା ରାଞ୍ଚିରୋଡରେ ଅବସ୍ଥିତ ସେଣ୍ଟ ଜନମେରୀ ବିଦ୍ୟାଳୟରେ ମଧ୍ୟ ଶତକଡା ୯୩ ପ୍ରତିଶତ ମାର୍କ ରଖି ପାସ୍ ହୋଇଥିଲେ। ନିଜ ଶିକ୍ଷାନୁଷ୍ଠାନରେ ଟପ୍ପର ହେବା ସହ ଏହି ସଫଳତା ହାସଲ କରି କୁତ୍ରାର ଟେକ ରଖିଥିବାରୁ ତାଙ୍କୁ କୁତ୍ରା ଅଞ୍ଚଳବାସୀଙ୍କ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

### ମଦ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ,୨୪।୭:** ଦେଶୀ ମଦ ଚାଲାଣ ଅଭିଯୋଗରେ ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉଦିତନଗର ଶୀତଳପଡା ଅଞ୍ଚଳର ଦୁର୍ଗା ପ୍ରସାଦ ନାଥ(୨୪)। ତାଙ୍କଠାରୁ ୫୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଦୁର୍ଗା ରବିବାର ସକାଳ ସାଢ଼େ ୧୧ଟାରେ ଏକ ସ୍କୁଟି (ନଂ.ଓଡି୧୪ଏନ୍/୧୬୩୫) ଯୋଗେ ଦେଶୀମଦ ନେଇ ବିଶ୍ରା ଛକ ଆଡେ ଯାଉଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡି ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା।



ସାଲବିରା ଗ୍ରାମର ଶତାଧିକ ମହିଳା, ପୁରୁଷ ଥାନାକୁ ଦାବିପତ୍ର ଦେବାକୁ ଆସିଛନ୍ତି।

# ଥାନାରେ ଫେରାଦ ହେଲେ ଗ୍ରାମବାସୀ

**ବଡ଼ଗାଁ, ୨୪।୭(ଡି.ଏନ୍.ଏ.)**

**ସାଲବିରା ଗାଁରେ ଡବଲ ମର୍ଡର ଘଟଣା**
- ହତ୍ୟା ଘଟଣାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କୁ ଗିରଫ ପ୍ରତିବାଦ
- ସବ୍‌ଇନ୍ସପେକ୍ଟରଙ୍କୁ ଦେଲେ ଦାବିପତ୍ର
- ଘଟଣାରେ ସମ୍ପୃକ୍ତ ୬ଜଣଙ୍କୁ କୋର୍ଟ ଚାଲାଣ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାଲବିରା ଗ୍ରାମରେ ୨୧ ତାରିଖ ହୋଇଥିବା ଡବଲ ମର୍ଡର ଘଟଣାରେ ପୋଲିସ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ରବିବାର ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରକାଶ ମାଝି, ସୁକାଶ ମାଝି, ଭକ୍ତ ସା, ଶେଷଦେବ ସାହୁ, ମିଶ୍ର ରାଉତ, ସଙ୍କୀର୍ତ୍ତନ କର୍ତ୍ତା। କିନ୍ତୁ ପ୍ରକାଶ, ସୁକାଶ, ଭକ୍ତ, ଶେଷଦେବ, ମିଶ୍ର ହତ୍ୟା ଘଟଣାରେ ସମ୍ପୃକ୍ତ ନୁହଁନ୍ତି ବୋଲି ସାଲବିରା ଗ୍ରାମର ଶତାଧିକ ମହିଳା, ପୁରୁଷ ରବିବାର ଥାନାକୁ ଆସି ଦାବି କରିଥିଲେ। ସେମାନେ ସଙ୍କୀର୍ତ୍ତନଙ୍କୁ ପୋଲିସରେ ଜିମା ଦେଇ ସେ ହିଁ ହତ୍ୟାକାରୀ ବୋଲି ଗ୍ରାମବାସୀ କହିଥିଲେ। ହତ୍ୟା ଘଟଣାରେ ସମ୍ପୃକ୍ତ ନ ଥିବା ଉକ୍ତ ୫ଜଣଙ୍କୁ ପୋଲିସ ଗିରଫ କରିଥିବା ପ୍ରତିବାଦ କରି ଥାନାକୁ ଆସିଥିବା ମହିଳା ଓ ପୁରୁଷ ସବ୍‌ଇନ୍ସପେକ୍ଟର ମିଳି ସାହୁଙ୍କୁ ଦାବିପତ୍ର ଦେଇଥିଲେ। ସେଥିରେ ଉଲ୍ଲେଖ କରାଯାଇଛି ଯେ, ପ୍ରଫୁଲ୍ଲ ମାଝିଙ୍କୁ ଗ୍ରାମର ଘନଶ୍ୟାମ ମାଝି କୌଣସି କଥାକୁ ନେଇ ହତ୍ୟା କରିଥିଲେ। ଏସବୁ ଘଟଣା ଶୌଚ ଯାଇଥିବା ଗ୍ରାମର ଜଣେ ବ୍ୟକ୍ତି ଦେଖିବା ପରେ ଗ୍ରାମବାସୀ ଓ ଘନଶ୍ୟାମଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପ୍ରଫୁଲ୍ଲଙ୍କୁ ଘନଶ୍ୟାମ ହତ୍ୟା କରିବା ପରେ ଘରକୁ ଚାଲିଯାଇଥିଲେ। କିନ୍ତୁ କିଛି ସମୟ ପରେ ପ୍ରଫୁଲ୍ଲ ମାଝିଙ୍କ ମୃତଦେହ ପଡ଼ିଥିବା ସ୍ଥାନଠାରୁ କିଛି ଦୂରରେ ଘନଶ୍ୟାମଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଗ୍ରାମବାସୀଙ୍କ କହିବା କଥା ଘନଶ୍ୟାମଙ୍କୁ ତାଙ୍କର ନିଜ ଲୋକ ହତ୍ୟା କରିଛନ୍ତି। ପୋଲିସ ଗ୍ରାମବାସୀଙ୍କ କୌଣସି କଥା ଶୁଣି ନ ଥିଲେ। ପୋଲିସ ଅଧିକାରୀ କହିଥିଲେ, ତଦନ୍ତରୁ ଜଣାପଡ଼ିଛି ଘନଶ୍ୟାମ ମାଝି ହତ୍ୟା ଘଟଣାରେ ପ୍ରକାଶ, ସୁକାଶ, ଭକ୍ତ, ଶେଷଦେବ, ମିଶ୍ର ସମ୍ପୃକ୍ତ ଅଛନ୍ତି। ତେଣୁ ସେହି ୫ଜଣ ଓ ଗ୍ରାମବାସୀ ଜିମା ଦେଇଥିବା ସଙ୍କୀର୍ତ୍ତନଙ୍କୁ ମିଶାଇ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରଫୁଲ୍ଲଙ୍କୁ ଘନଶ୍ୟାମ ହତ୍ୟା କରିଥିବା ପ୍ରଚାର ହେବା ପରେ ପ୍ରଫୁଲ୍ଲଙ୍କ ୨ପୁଅ ପ୍ରକାଶ ମାଝି, ସୁକାଶ ମାଝି ପ୍ରତିଶୋଧ ପରାୟଣ ହୋଇ ଅନ୍ୟ ୪ଜଣଙ୍କ ସହ ମିଶି ଘନଶ୍ୟାମଙ୍କୁ ହତ୍ୟା କରିଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ ଚାଲୁ ରହିଛି। ପ୍ରକାଶ ଯେ, ପୋଲିସ ଶନିବାର ରାତିରେ ଉକ୍ତ ୫ ଜଣଙ୍କୁ ଗିରଫ କରିବାକୁ ଯାଇଥିବାବେଳେ ସେମାନଙ୍କ ଘର କବାଟ ଭାଙ୍ଗି ଦେଇଥିଲେ। ଗ୍ରାମବାସୀ ଏସମ୍ପର୍କରେ ସବ୍‌ଇନ୍ସପେକ୍ଟର ମିଳି ସାହୁଙ୍କୁ ଜଣାଇ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରାହ୍ନରେ ଗ୍ରାମବାସୀ ଏସ୍‌ଡିପିଓଙ୍କ ସହିତ ଏ ନେଇ ମଧ୍ୟ ଆଲୋଚନା କରିଛନ୍ତି।

## ପ୍ରଶାସନ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ



କରୋନା ନେଇ ଲୋକଙ୍କୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି।

**କୁତ୍ରା, ୨୪।୭(ଡି.ଏନ.ଏ.)**

ସାରା ରାଜ୍ୟରେ କିଛିଦିନର ବ୍ୟବଧାନ ପରେ ପୁଣି କଡ଼ ଲେଉଟିଲାଣି କରୋନା ଗ୍ରାଫ। ପ୍ରତ୍ୟେକ ଦିନ ସଂକ୍ରମଣ ହାର ବଢିବଢି ଉପର ମୁହାଁ ହେଉଛି। ସୁନ୍ଦରଗଡ଼ରେ ମଧ୍ୟ ବଢ଼ିବାରେ ଲାଗିଛି ସଂକ୍ରମଣ ହାର। ପୂର୍ବରୁ ମଧ୍ୟ ସୁନ୍ଦରଗଡ଼ ଜିଲା ରେଡ଼ ଜୋନରେ ରହୁଥିବା ରେକର୍ଡ ରହିଛି। ଦୁଇବର୍ଷ ଧରି କରୋନା ତାର କରାଳ ରୂପ ଦେଖାଇ ଅନେକ ଧନଜୀବନ ନଷ୍ଟ କରିବା ସହିତ ଏହାର ପ୍ରଭାବ ସିଧାସଳଖ ଲୋକଙ୍କ ସାଧାରଣ ଜୀବନ ଉପରେ ପଡୁଛି। ମଝିରେ ସଂକ୍ରମଣ ହାର କମିବାରୁ ସରକାର କରୋନା କଟକଣାକୁ କୋହଳ କରିଥିଲେ। ତେବେ ବର୍ତ୍ତମାନ ଏହା ବଢିବାରୁ ପୁଣି ଥରେ ସରକାର କଟକଣା ଲାଗୁକରିବା ପାଇଁ ତତ୍ପର ହେଲେଣି। ମାସ୍କ ପିନ୍ଧିବା ବାଧ୍ୟତାମୂଳକ କଲେଣି। ଏହାକୁ ଦୃଷ୍ଟିରେ ରଖି କୁତ୍ରା ବ୍ଲକ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ କରୋନା ସଚେତନତା କରିବା ସହିତ କଟକଣା ଜାରି କରିଛନ୍ତି। ସମସ୍ତେ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ଅବଲମ୍ବନ କରିବା, ଦୋକାନ ବଜାରରେ ଭିଡ଼ ନ କରିବା, ସେନିଟାଇଜ ବ୍ୟବହାର କରିବା ଓ କୋଭିଡ କଟକଣାର ସମସ୍ତ ନିୟମ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ଆଗାମୀ ଦିନରେ କଟକଣା ନ ମାନିଲେ ଫାଇନ ଆଦାୟ କରାଯିବ ବୋଲି ଦୋକାନ ବଜାର ବୁଲିବୁଲି କହିଛନ୍ତି ତହସିଲଦାର ତଥା ବିଡ଼ିଓ ରବୀନ୍ଦ୍ର କୁମାର ସେଠି, ସରପଞ୍ଚ ଭୁବନ କୁଜୁର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପୀ ସାହୁ। ସେମାନେ ବୁଲିବୁଲି ଲୋକଙ୍କୁ ସଚେତନ କରିଛନ୍ତି।

## ୭ ଟନ୍ ସ୍କ୍ରାପ୍ ଜବତ, ୩ ଗିରଫ

**ରାଉରକେଲା ଅଫିସ,୨୪।୭**

୭ ଟନ୍ ସ୍କ୍ରାପ୍ ଚୋରାଚାଲାଣ ଅଭିଯୋଗରେ ରାଉରକେଲା ପ୍ଲାଣ୍ଟସାଇଟ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ମୁଲଚନ୍ଦ ଗୁପ୍ତା(୪୨), ସୁରଜ ଦେବ ଯାଦବ(୬୨) ଓ ରାଜ କିଶୋର ଶର୍ମା(୩୭)। ଏ ନେଇ ପୋଲିସ ଏକ ମାମଲା (ନଂ.୨୮୨।୨୨) ରୁଜୁ କରି ଟ୍ରକ୍‌କୁ ଜବତ କରିଛି। ରବିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ବନ୍ଧମୁଣ୍ଡା କୋଲଲା ଗେଟ୍ ଅଞ୍ଚଳରୁ ରବିବାର ସନ୍ଧ୍ୟା ସାଢ଼େ ୭ଟାରେ ଏକ ଟ୍ରକ୍ (ନଂ.ଓଡି୧୪ଏସ୍/୬୪୩୨) ଯୋଗେ ଲୁହା ସ୍କ୍ରାପ୍ ବୋଝେଇ ହୋଇ କଲିକତା ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ପ୍ଲାଣ୍ଟସାଇଟ ଥାନାଧିକାରୀ ସନ୍ତୋଷ ଜେନା ଖବର ପାଇ ଉକ୍ତ ଗାଡିକୁ ପିଛା କରି ବନ୍ଧମୁଣ୍ଡା ଅଞ୍ଚଳରେ ଧରିଥିଲେ। ଏହି ଟ୍ରକରେ ସ୍କ୍ରାପ୍ ବୋଝେଇ ହୋଇଥିବା ଜାଣି ପୋଲିସ କାଗଜପତ୍ର ଯାଞ୍ଚ କରିଥିଲା। କୌଣସି କାଗଜପତ୍ର ନ ଥିବାରୁ ଉକ୍ତ ସ୍କ୍ରାପ୍ ବୋଝେଇ ଟ୍ରକ୍‌କୁ ଜବତ କରିଥିଲା।

## ବଡ଼ଗାଁ ମିନିଷ୍ଟାଡିୟମରେ ଚାରା ରୋପଣ

**ବଡ଼ଗାଁ, ୨୪।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମିନି ଷ୍ଟାଡିୟମ ପରିସରରେ ରବିବାର ସ୍ଥାନୀୟ ଜୟ ହିନ୍ଦ କ୍ଲବ ପକ୍ଷରୁ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ କ୍ଷମାନିଧି ଭୋଇ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି ଲବଣୀଧର ପୃଷେଟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ପୂର୍ବାହ୍ନରେ କ୍ଲବ ସଦସ୍ୟ ରଞ୍ଜିତ ଖଡ଼ିଆ, ସାଗର ସାମାଟ, କରନ ହାଁସଦା, ପିଉଷ ସୋରେଙ୍ଗଙ୍କ ସହିତ ଯୁବକମାନେ ଅତିଥିମାନଙ୍କ ସହିତ ୨୦ଟି ଆମ୍ବ ଚାରା ରୋପଣ କରିଥିଲେ। ୨ବର୍ଷ ପୂର୍ବେ ବିଡିଓ ଭୋଇ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଲଗାଇଥିବା ପିପଳି ଓ ବର ଗଛ ଚାରା ଦେଢ ଫୁଟ ଉଚ୍ଚ ହୋଇଥିବା ଦେଖି ଖୁସି ବ୍ୟକ୍ତ କରିଥିଲେ। ସୂଚନା ଯୋଗ୍ୟ ଯେ, ଗତ ୬ ବର୍ଷ ମଧ୍ୟରେ ଷ୍ଟାଡିୟମ ପରିସରରେ ୨୦୦ ଆମ୍ବ, ଲିମ୍ବ, ଜାମୁ, ପିଜୁଳି, ପିପଳି, ବର, ଛତିଆନ, କରଞ୍ଜ, ବଉଳ ଆଦି ବିଭିନ୍ନ ଚାରା ରୋପଣ କରି ତାର ଯତ୍ନ ନିଆଯାଉଥିବାରୁ ଶତପ୍ରତିଶତ ଗଛ ୨ରୁ ୯ ଫୁଟ ଲେଖାଏଁ ହେଲାଣି।

## କୋଭିଡ୍ ସଚେତନତା କାର୍ଯ୍ୟକ୍ରମ

**ବଡ଼ଗାଁ, ୨୪।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତର ଭଣ୍ଡାରପଡାରେ ରବିବାର ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଦେଶ'ର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମିଳିତ ପ୍ରୟାସରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ କ୍ଷମାନିଧି ଭୋଇ ଓ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇ କୋଭିଡ ନିୟମ ପାଳନ କରିବାକୁ ବୁଝାଇଥିଲେ। ସେହିପରି ଗଣମାଧ୍ୟମ ପ୍ରତିନିଧି ଲବଣୀଧର ପୃଷେଟ, ଅନୁପ ବିଶି, କ୍ଷେତ୍ରବାସୀ ପଣ୍ଡା, ପୂର୍ବତନ ନାଏବ ସରପଞ୍ଚ ତଥା ସଙ୍ଗଠନର କର୍ମକର୍ତ୍ତା କେଶବ କର୍ସେଲ, ଆଲୋକ ପଟ୍ଟନାୟକ, କୋଭିଡ୍ ସଂକ୍ରମଣ ଦେଖାଦେଇଥିବାରୁ ସମସ୍ତେ ସତର୍କ ହେବା, ମାସ୍କ ଲଗାଇବା, ହାତ ଧୋଇବା, ଥଣ୍ଡା କାଶ ହେଲେ ଗୁଣିଗାରେଡ଼ି ନ କରି ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ବୁଝାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କୋଭିଡ୍ ନିୟମ ମାନିବା ପାଇଁ ଶପଥ ପାଠ କରାଯାଇଥିଲା। ବିଡ଼ିଓ କ୍ଷମାନିଧି ଭୋଇ ଓ ଅନ୍ୟମାନେ ଲୋକଙ୍କୁ ମାସ୍କ ବଣ୍ଟନ କରିଥିଲେ।




ବିଡିଓ କ୍ଷମାନିଧି ଭୋଇ ଲୋକଙ୍କୁ ମାସ୍କ ବଣ୍ଟନ କରୁଛନ୍ତି।

## ଗାଁ ମହିଳାଙ୍କୁ ଶୋଷଣ କରୁଛି ଫାଇନାନ୍ସ କମ୍ପାନୀ

**ଲେଫ୍ରିପଡା,୨୪।୭(ଡି.ଏନ.ଏ.)**

**ନାକେଦମ ହେଉଛନ୍ତି ଆଦିବାସୀ ମହିଳା**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅଞ୍ଚଳରେ ଗାଁ ମହିଳାଙ୍କୁ ଏକ ଫାଇନାନ୍ସ କମ୍ପାନୀ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଗାଁ ମହିଳାଙ୍କୁ ଋଣ ଦେଇ ଚଢା ଦରରେ ସୁଧ ନେଉଥିବାବେଳେ ଆଦିବାସୀ ମହିଳା ତଳିତଳାନ୍ତ ହେଉଛନ୍ତି। ବିଭିନ୍ନ ମହିଳାଙ୍କୁ ସରଳତାର ସୁଯୋଗ ନେଇ କମ୍ପାନୀର ଋଣ ସଂଗ୍ରହ କରୁଥିବା ବ୍ୟକ୍ତିମାନେ ଟାବଲେଟ ମାଧ୍ୟମରେ ମହିଳାଙ୍କ ଆଙ୍ଗୁଠି ଛାପ ନେଇ ଋଣ ମଞ୍ଜୁରି କରି ନିଜେ ନିଜେ ନେଇଯାଇଥିବା ଅଭିଯୋଗ କରିଛନ୍ତି। ଲେଫ୍ରିପଡ଼ା ଗ୍ରାମର ଯମୁନା ସୁନ୍ୟାନୀ କେନ୍ଦ୍ର ନଂ୧୯୧ରୁ ଋଣ ସଂଗ୍ରହ କରୁଥିବା ବ୍ୟକ୍ତି ଜଣକ ଗତ ଫେବୃଆରୀ ମାସରେ ମହିଳାଙ୍କ ବିନା ଅଜାଣତରେ କମ୍ପାନୀର ଟାବଲେଟରେ ଆଙ୍ଗୁଠି ଛାପ ଲଗାଇ ଚବିଶ ହଜାର ଟଙ୍କା ନିଜେ ଉଠାଇ ନେଇ ଯାଇଥିବା ବେଳେ ସରପଗଡ ଗ୍ରାମର ସୁରେଖା କୁଆଙ୍କଠାରୁ ମଧ୍ୟ ଚଞ୍ଚକତା କରି ନେଇଯାଇଥିବା ଜଣା ପଡିଛି। ଠିକ୍ ସେହିପରି ଭାବେ ଲେଫ୍ରିପଡ଼ାର ବିନତୀ ଓରାମ, ସୁକାନ୍ତି କୁଲୁ ସହିତ ଅଞ୍ଚଳର ବହୁ ସଂଖ୍ୟାରେ ମହିଳାଙ୍କ ନାମରେ ଋଣ ମଞ୍ଜୁରୀ କରି ଠକି ନେଇଥିବା ମହିଳାମାନେ କହିଛନ୍ତି। ଏହିପରି ଭାବେ ଅଞ୍ଚଳର ସରପଗଡ, କସାଇଝରଣ, ବଇଲମା ସମେତ ସାରା ବ୍ଲକରେ ମହିଳାଙ୍କୁ ଶୋଷଣ କରିଚାଲିଥିବାବେଳେ ଟାଙ୍ଗରପାଲି ବ୍ଲକ୍‌ର ବିଭିନ୍ନ ଗାଁ ସହିତ ଛତିଶଗଡ଼ର ବିଭିନ୍ନ ଗାଁରେ ମଧ୍ୟ ସରଳତାର ସୁଯୋଗ ନେଇ ଶୋଷଣ କରି ଠକି ଚାଲିଥିବାରୁ ତଳି ତଳାନ୍ତ ହୋଇ ଘର ଦ୍ୱାର ବିକ୍ରି କରି ଜୀବନ ହାନି ହେଉଥିବାର ମହିଳାମାନେ ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀର ବ୍ରାଞ୍ଚ ମ୍ୟାନେଜରଙ୍କୁ ପଚାରିବାରୁ ଏବିଷୟରେ କିଛି ଜାଣି ନାହିଁ। ଚାରି ମାସ ହେଲା ଏଠାକୁ ଆସିଛି। ଆଗରୁ ଯଦି ହୋଇଥିବ ତା ହେଲେ କହିପାରିବି ନାହିଁ। ଯଦି କୌଣସି ଅଭିଯୋଗ ଆସେ ତା ହେଲେ ସମ୍ପୃକ୍ତ ସଂଗ୍ରହ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଏହି ଫାଇନାନ୍ସ କମ୍ପାନୀ ବିରୋଧରେ ଭିଜିଲାନ୍ସ ତଦନ୍ତ କରି ଅଞ୍ଚଳର ସରଳ ଆଦିବାସୀ ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ମହିଳାଙ୍କ ପକ୍ଷରୁ ଦାବି ହେଉଛି।

# ଖଣି ଆରମ୍ଭ ପୂର୍ବରୁ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ

**ସୁନ୍ଦରଗଡ଼,୨୪।୭(ଡି.ଏନ.ଏ.)**

**ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଭାଜପା ବିଧାୟିକାବିଧାୟକଙ୍କ ଦାବି**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଝାରପଲମ ଗ୍ରାମପଞ୍ଚାୟତରେ ଥିବା ଜାମକାନୀ କୋଲବ୍ଲକକୁ ପ୍ରଥମେ ଭୂଷଣ କମ୍ପାନୀକୁ ଆବଣ୍ଟିତ ହୋଇଥିଲା। ହେଲେ ଏହି ଆବଣ୍ଟନ ବାତିଲ ପରେ ପରବର୍ତ୍ତୀ ସମୟରେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ବେଦାନ୍ତ କମ୍ପାନୀକୁ ମିଳିଛି ଏହି କୋଲ ବ୍ଲକ। ୮୪୭ ହେକ୍ଟର ପରିମିତ ଏହି କୋଲ ବ୍ଲକରୁ କୋଇଲା ଉତ୍ତୋଳନ ପାଇଁ କମ୍ପାନୀ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଡକୋ ପକ୍ଷରୁ ଅଧିଗ୍ରହୀତ ଏହି ଜମି ବେଦାନ୍ତକୁ ହସ୍ତାନ୍ତରିତ ମଧ୍ୟ ସରିଛି। ହେଲେ ପୂର୍ବରୁ ୨୦୦୬ ରେ ଭୂଷଣ କମ୍ପାନୀ ପାଇଁ ହୋଇଥିବା ଜମି ଅଧିଗ୍ରହଣ ବେଳେ ସର୍ବନିମ୍ନ ମୂଲ୍ୟରେ ବିସ୍ଥାପିତଙ୍କୁ କ୍ଷତି ପୂରଣ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ବେଦାନ୍ତ କମ୍ପାନୀକୁ ଏହି କୋଲ ବ୍ଲକ ହସ୍ତାନ୍ତରିତ ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୂତନ ଖଣି ନୀତି ଏବଂ ପୁନର୍ବାସଥଇଥାନ ନୀତି ଅନୁଯାୟୀ ବିସ୍ଥାପିତଙ୍କୁ ଥଇଥାନ ଓ କ୍ଷତିପୂରଣ ପ୍ରଦାନ ପାଇଁ ଏହି ଖଣି ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଗ୍ରାମବାସୀଙ୍କ ଏହି ଦାବିକୁ ନେଇ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ସମେତ ବିଧାୟକ ନାଉରୀ ନାୟକ, ଭବାନୀ ଶଙ୍କର ଭୋଇ, ଡା.ରାଜେନ ଏକ୍କା, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ୯ଜଣ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଏକ ପତ୍ର ଲେଖି ଏଦିଗରେ ପଦକ୍ଷେପ ଗ୍ରହଣ ସକାଶେ ଦାବି କରିଛନ୍ତି। ଖଣି ଆରମ୍ଭ ପୂର୍ବରୁ ବିସ୍ଥାପିତଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଏହି ଭାଜପା ବିଧାୟିକା, ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି।

ଏହି ଖଣି ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଜାମକାନୀ ଝାରପଲମ, ମେଣ୍ଡ୍ରା, ଗିରିସୀମା ଗ୍ରାମରେ ଗ୍ରାମସଭାର ବିନା ଅନୁମୋଦନରେ ଖଣି କାର୍ଯ୍ୟ ଆରମ୍ଭ କରାଯାଉଛି ବୋଲି ଏହି ବିଧାୟକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏହି କୋଲ ବ୍ଲକ ପାଇଁ ଗ୍ରାମସଭା କରାଯାଇ ଜମି ଅଧିଗ୍ରହଣ ପ୍ରକ୍ରିୟା ସରିଥିବା ସହ ସେତେବେଳେ ଭୂଷଣ କମ୍ପାନୀ ତରଫରୁ ବିଲେଇ ମୁଣ୍ଡା ନିକଟ ଗର୍ଜନଯୋର ଠାରେ ୧୧୪ ଏକର ଜମିରେ ପୁନର୍ବାସ ଥଇଥାନ କଲୋନୀ ନିର୍ମାଣ ହୋଇଛି। ଏଥିରେ ୫୦୦ବିସ୍ଥାପିତ ପରିବାରଙ୍କୁ ଥଇଥାନ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ବର୍ତ୍ତମାନ ଏହି କଲୋନୀ ଓ ରାସ୍ତାଘାଟ ଅବସ୍ଥା ଠିକ ନ ଥିବାବେଳେ ଆନୁଷଙ୍ଗିକ ସୁବିଧା ନାହିଁ ବୋଲି ଲୋକେ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ବେଦାନ୍ତ ତଥା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ପ୍ରଶାସନର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

# ଚାଷୀ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ଦେବଗଡ଼,୨୪।୭(ଡି.ଏନ୍.ଏ.)**




ଦେବଗଡ଼ ଜିଲା କୃଷକ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଚାଷୀ ସମସ୍ୟାର ସମାଧାନ ପାଇଁ କୃଷକ ସଂଘର ବୈଠକ**

ଦେବଗଡ଼ ସହରର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଦେବଗଡ଼ ଜିଲା କୃଷକ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରମୋଦ ଝାଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲାର ବହୁ ଚାଷୀନେତା ଅଂଶଗ୍ରହଣ କରିଥିଲେ। ଦେବଗଡ଼ ଜିଲାର ଚାଷୀମାନଙ୍କର ଚାଷ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଏଗୁଡିକର ସମାଧାନ ନିମନ୍ତେ ଆଗାମୀ ଦିନରେ ଉଚିତ ଫୋରମରେ ଦାବି ଉପସ୍ଥାପନ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନେଇଥିଲେ। ବିଶେଷ ଭାବେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମାଭୁକ୍ତ ଚାଷୀମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୦୨୧-୨୨ ଖରିଫ ଚାଷର ବୀମା ରାଶି ମିଳିନାହିଁ। ଏହା ତୁରନ୍ତ ପ୍ରଦାନ କରା ନ ଗଲେ କ୍ଷତିଗ୍ରସ୍ତ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଏହି ଅବସରରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ନିତ୍ୟବ୍ୟବହାର୍ଯ୍ୟ କୃଷି ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ବୃଦ୍ଧି ପାଇଥିବା ରାସାୟନିକ ସାର ଦର ହ୍ରାସ ଏବଂ ଜିଲାରେ ଦେଖାଦେଉଥିବା ହାତୀ ଉପଦ୍ରବ ରୋକିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲା କୃଷକ ସଂଘର ଆଇନ ଉପଦେଷ୍ଟା ବିଭୂତି ଗଙ୍ଗଦେବ, ପୂର୍ବତନ ସମ୍ପାଦକ ସୁଧୀର କୁମାର କପରଦାର, ସହସମ୍ପାଦକ ହୀରାଧର ସାହୁ, ଉପସଭାପତି ବିଜୟ କୁମାର ପ୍ରଧାନ, ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ ଓ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଜିଲାର ବହୁ ଚାଷୀନେତା ଉପସ୍ଥିତ ରହି ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

**ବିଜେଡିର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରା ରୋପଣ**

ଭବାନୀପାଟଣା,(ସ୍ୱ.ପ୍ର.): ବିଜେଡିର ୨୫ ବର୍ଷ ପୂର୍ତ୍ତିରେ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ କୁତୁଖମାର ଓ ମାଲଗାଁ ହାଇସ୍କୁଲଠାରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଚାରା ରୋପଣ କରାଯାଇଛି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବିଜେଡି ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାକୁଡ଼, ମନିନ୍ଦ୍ର ମହାନ୍ତି, ରାଜ୍ୟ ଯୁବ ସହସମ୍ପାଦକ ରବି ପଟ୍ଟନାୟକ, ଧବଳେଶ୍ୱର ମହାପାତ୍ର, ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ବଢୁଛି ଅପମିଶ୍ରିତ ମଦ କାରବାର, ବିଭାଗ ଚୁପ୍

**ଲୋଇସିଂହା,୨୪।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରେ ଅପମିଶ୍ରିତ ଦେଶୀ ଓ ବିଦେଶୀ ମଦ କାରବାର ବଢ଼ି ଚାଲିଛି। ଏହାକୁ ଅବକାରୀ ଓ ପୋଲିସ ବିଭାଗ ରୋକିବାରେ ବିଫଳ ହୋଇଛନ୍ତି। ଲୋଇସିଂହାରେ ଦେଶୀ ମଦଭାଟି ରହିଛି। ବୁର୍ଡା, ପଣ୍ଡରାଣୀ, ରାମପୁର, ଖଲିଆପାଲି ବିଭିନ୍ନ ସ୍ଥାନରେ କୁଚିଆ ଭାଟି ରହିଛି। ଭାଟିରେ ବସି ଲୋକେ ମଦ୍ୟ ପିଇବା ନିୟମ ରହିଛି। ହେଲେ ଭାଟି ମାଲିକ ରାଜସ୍ୱ ବଢ଼ାଇବା ପାଇଁ ଗାଁ ଗହଳିରେ କୁଚିଆ ମଦ ରଖି ବିକ୍ରି କରୁଛନ୍ତି। ଏହାଦ୍ୱାରା ଗାଁର ପରିବେଶ ବିଗିଡିବାରେ ଲାଗିଛି। ଗ୍ରାହକଙ୍କ ଚାହିଦା ଅନୁଯାୟୀ ଗ୍ରାମାଞ୍ଚଳର କୁଚିଆ ବେପାରୀମାନେ ଲୋଇସିଂହା ଥାନାର ବିଭିନ୍ନ ସ୍ଥାନ ଏବଂ ସୀମାନ୍ତ ବରଗଡ ଜିଲା ଗାଇସିଲାଟ ଓ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଞ୍ଚଳରୁ ଚୋରା ରନ୍ଧାମଦ ଆଣି ବିକ୍ରି କରୁଛନ୍ତି। ସେହି ରନ୍ଧାମଦରେ ଅଧିକ ପାଣି ସହ ବିଭିନ୍ନ ପ୍ରକାର ନିଶା ବଟିକା ଓ ଅନ୍ୟାନ୍ୟ ଦ୍ରବ୍ୟ ମିଶ୍ରଣ କରି ବିକ୍ରି କରାଯାଉଛି। ଗ୍ରାହକ ଶସ୍ତାରେ ଅଧିକ ନିଶା ପାଇଁ ଏହି ମଦକୁ କିଣି ପିଉଛନ୍ତି। ଅପମିଶ୍ରିତ ମଦ କିଡନୀ ନଷ୍ଟ ସହ ବିଭିନ୍ନ ରୋଗର କାରଣ ସାଜିଛି। ପଡୋଶୀ ଜିଲାରୁ ବେଧଡକ ରନ୍ଧାମଦ ଚୋରା ଚଲାଣ ଓ ଅପମିଶ୍ରିତ ମଦ କାରବାର ସମ୍ପର୍କରେ ସ୍ଥାନୀୟ ଅବକାରୀ ଓ ପୋଲିସ ବିଭାଗ ଜାଣି ସୁଦ୍ଧା କୌଣସି ପଦକ୍ଷେପ ନେଉନାହାନ୍ତି। ଅପମିଶ୍ରିତ ମଦ ପିଇ କିଛିଦିନ ତଳେ ଲୋଇସିଂହାର ୨ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଲୋଇସିଂହା ବସ୍ତିର ଜଣେ ମହିଳାଙ୍କ ସମେତ ୪ଜଣ ଏହାର ପ୍ରଭାବରେ ଏବେ ଗୁରୁତର ହୋଇ ଶଯ୍ୟାଶାୟୀ ଥିବା ଜଣାପଡିଛି। ଏହାପୂର୍ବରୁ ମଧ୍ୟ ଲୋଇସିଂହାରେ ମଦମୃତ୍ୟୁର ନଜିର ରହିଛି। କେବଳ ଦେଶୀ ନୁହେଁ ଅପମିଶ୍ରିତ ବିଦେଶୀ ମଦ ମଧ୍ୟ ଅବାଧରେ ବିକ୍ରି ଚାଲିଛି। ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାଏକ କହିଛନ୍ତି ମୁଁ ଏକା ଷ୍ଟାଫ ଅଛି। ଲୋଇସିଂହା ଓ ବଲାଙ୍ଗୀର ସଦର ବୁଝିବାକୁ ପଡୁଛି। ବିଭାଗରେ କର୍ମଚାରୀ ଅଭାବ ରହିଛି। ତେବେ ଅପମିଶ୍ରିତ ମଦ କାରବାର ନେଇ ଦୃଷ୍ଟିକୁ ଆସିଛି, ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

### 'ବ୍ୟକ୍ତିତ୍ୱ ନିର୍ମାଣ ହେଲେ ରାଷ୍ଟ୍ର ନିର୍ମାଣ ସମ୍ଭବ'



କଣ୍ଟାବାଞ୍ଜିରେ ଜୈନଗୁରୁ ଧର୍ମାବଲମ୍ବୀମାନଙ୍କୁ ସମ୍ବୋଧିତ କରୁଛନ୍ତି।

**କଣ୍ଟାବାଞ୍ଜି,୨୪।୭(ଡି.ଏନ.ଏ.):** ବ୍ୟକ୍ତିତ୍ୱ ନିର୍ମାଣ ଜରୁରୀ। ଏହା ସହିତ ପରିବାର ନିର୍ମାଣ ହେଲେ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ ହୋଇପାରିବ। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି ଜୈନଗୁରୁ ମୁନିଶ୍ରୀ ପ୍ରଶାନ୍ତ କୁମାର ଜୀ। ଚର୍ତ୍ତୁମାସ ଅବସରରେ ସ୍ଥାନୀୟ ଜୈନ ଭବନରେ ସପ୍ତାହବ୍ୟାପୀ ଜୈନ ଧର୍ମାବଲମ୍ବୀମାନଙ୍କୁ ବିଭିନ୍ନ ପ୍ରକାର ସନ୍ଦେଶ ଦେବା ଅବସରରେ ଆଚାର୍ଯ୍ୟ ମହାଶ୍ରମଣଜୀଙ୍କ ଦୁଇଶିଷ୍ୟ ମୁନିଶ୍ରୀ ପ୍ରଶାନ୍ତ କୁମାର ଜୀ ଏବଂ ମୁନିଶ୍ରୀ କୁମୁଦ କୁମାର ଜୀ କଣ୍ଟାବାଞ୍ଜିସ୍ଥିତ ଜୈନ ଭବନରେ ଅବସ୍ଥାନ କରିଛନ୍ତି। ଚର୍ତ୍ତୁମାସ ଅବସରରେ ଉଭୟ ଦୁଇ ଜୈନ ଗୁରୁ ରାଜ୍ୟର ବିଭିନ୍ନ ପ୍ରାନ୍ତ ପରିଭ୍ରମଣ କରି ଜୈନ ଭଉଣୀ ଭାଇଙ୍କୁ ଜୈନଧର୍ମର ମହତ୍ୱ ଅବସରରେ ଆଲୋକପାତ କରୁଛନ୍ତି। ସ୍ଥାନୀୟ ଜୈନ ଶ୍ୱେତାମ୍ବର ସଭା, ତେରାପନ୍ତ ମହିଳା ମଣ୍ଡଳ, ତେରାପନ୍ଥ ଯୁବକ ପରିଷଦ ଓ ତେରପନ୍ଥ ପ୍ରୋଫେଶନାଲ ଫୋରମ ଆୟୋଜିତ ଚର୍ତ୍ତୁମାସ ସଭା ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଆୟୋଜିତ ହୋଇଛି।

# କର୍ମଚାରୀଙ୍କ ଧାରଣା, ହଷ୍ଟେଲରେ ଅଚଳାବସ୍ଥା

**ବଲାଙ୍ଗୀର ଅଫିସ,୨୪।୭**

ବଲାଙ୍ଗୀର ସରକାରୀ ମହିଳା କଲେଜ ଛାତ୍ରୀ ନିବାସ(ହଷ୍ଟେଲ) କର୍ମଚାରୀମାନେ ସର୍ବନିମ୍ନ ମଜୁରି ଦାବିରେ ରବିବାର କଲେଜ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ୟୁନାଇଟେଡ ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଏହି କର୍ମଚାରୀଙ୍କ ଧାରଣାକୁ ସମର୍ଥନ ଦିଆଯାଇଥିଲା। ଉପଜିଲାପାଳ ଲମ୍ବୋଦର ଧରୁଆ ଓ ଏସ୍‌ଡିପିଓ ତୋଫାନ ବାଗ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ଓ ଅନ୍ୟଷ୍ଟାଫ୍ ଉପସ୍ଥିତ ଥିଲେ। ତେବେ କୌଣସି ସମାଧାନ ପନ୍ଥା ବାହାରି ପାରି ନ ଥିଲା। ଫଳରେ କଲେଜ ହଷ୍ଟେଲରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିକୁ ଆଖି ଆଗରେ ରଖି କଲେଜ କର୍ତ୍ତୃପକ୍ଷ ଅଭିଭାବକମାନଙ୍କୁ ଡାକି ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏହାପରେ ଅଭିଭାବକମାନେ ହଷ୍ଟେଲରୁ ଛାତ୍ରୀମାନଙ୍କୁ ଘରକୁ ନେଇ ଯାଇଛନ୍ତି।

ହଷ୍ଟେଲ ଅସ୍ଥାୟୀ କର୍ମଚାରୀମାନେ ସର୍ବନିମ୍ନ ମଜୁରି ଦାବି କରି ଶ୍ରମ କମିଶନରଙ୍କୁ ଲେଖି ଜଣାଇଥିଲେ। ଏନେଇ ଶ୍ରମ କମିଶନରଙ୍କ ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇ ଏଦିଗରେ ଉତ୍ତର ରଖିବାକୁ କୁହାଯାଇଥିଲା। କିଭଳି ପରିସ୍ଥିତିରେ ହଷ୍ଟେଲ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ଦିଆଯାଉନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। କମିଶନଙ୍କଠାରୁ ଏଭଳି ଏକ ଚିଠି ପାଇବା ପରେ ହଷ୍ଟେଲ ପରିଚାଳନାକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିବା ଆଶଙ୍କା କରି କଲେଜ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଜଣାଇଥିବା ଜଣାପଡିଛି। ୟୁନାଇଟେଡ ଟ୍ରେଡ ୟୁନିଅନ ସଭାପତି ବିଭୁଦତ୍ତ ମିଶ୍ରଙ୍କୁ ପଚରାଯିବାରୁ କଲେଜ ହଷ୍ଟେଲରେ ଦୀର୍ଘବର୍ଷ ହେଲା କାମ କରୁଥିବା ରୋଷେୟା, ୱାର୍ଡ, ସହାୟିକା ଏଭଳି ୧୭ଜଣ ସାମୟିକ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ କରାଯାଉନାହିଁ। ଏ ନେଇ ରବିବାର କର୍ମଚାରୀମାନେ ଧାରଣା ଦେଇଛନ୍ତି। ଦାବି ସମ୍ପର୍କରେ ଠୋସ୍ କିଛି ପଦକ୍ଷେପ ନିଆ ନ ଗଲେ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ମହିଳା କଲେଜ ଅଧ୍ୟକ୍ଷ ମିଶ୍ରଙ୍କୁ ପଚରାଯିବାରୁ କଲେଜ ହଷ୍ଟେଲରେ ମେସ୍ ପରିଚାଳନା ଏବଂ ଆନୁସଙ୍ଗିକ କାମ ତୁଲାଇବା ପାଇଁ ଛାତ୍ରୀମାନଙ୍କ ଫିରୁ ଖର୍ଚ୍ଚ ପରିଚାଳନା କରାଯାଇଥାଏ। ସରକାରୀ କୌଣସି ଅନୁଦାନ ବ୍ୟବସ୍ଥା ନାହିଁ। ପିଲାମାନେ ଅଳ୍ପ ଟଙ୍କା ଦେଇ ଖାଇବା ଏବଂ ରହିବା ସୁବିଧା ପାଉଛନ୍ତି। କର୍ମଚାରୀମାନେ ସାମୟିକ ଭାବେ ଆସି କାର୍ଯ୍ୟ ପରିଚାଳନା କରୁଥିଲେ। କେତେବର୍ଷ ହେଲା ଏହି ବ୍ୟବସ୍ଥା ରହିଆସିଛି। ଏବେ କର୍ମଚାରୀମାନେ ସର୍ବନିମ୍ନ ମଜୁରି ଦାବି କରି ଶ୍ରମ କମିଶନରଙ୍କୁ ଲେଖିଛନ୍ତି ଓ ଧାରଣା ଦେଇଛନ୍ତି। ଫଳରେ ହଷ୍ଟେଲ ପରିଚାଳନା ବାଧାପ୍ରାପ୍ତ ହେବା ସନ୍ଦେହ କରି ଛାତ୍ରୀମାନଙ୍କୁ ଅଭିଭାବକମାନେ ନେଇ ଯିବାକୁ କୁହାଯାଇଥିଲା। ସମାଧାନ ବାଟ ବାହାରିଲା ପରେ ହଷ୍ଟେଲ ଚାଲିବ ବୋଲି ଜଣାଯାଇଥିଲା। ଶନିବାରଠାରୁ ଛାତ୍ରୀମାନେ ହଷ୍ଟେଲ ଛାଡିଲେଣି। ଉପଜିଲାପାଳ ଓ ଏସଡିପିଓ ରବିବାର ଧାରଣାରତ କର୍ମଚାରୀଙ୍କୁ ଭେଟି ଆଲୋଚନା କରିଛନ୍ତି ବୋଲି ଜଣାଇଥିଲେ। କେତେକ ଛାତ୍ରୀଙ୍କୁ ମଧ କର୍ମଚାରୀଙ୍କ ଧାରଣା ଓ ଆନ୍ଦୋଳନରେ ସାମିଲ କରାଯିବା ଉଦ୍ୟମ କରାଯିବା ଖବର ପାଇବା ପରେ ବାଧହୋଇ କଲେଜ ହଷ୍ଟେଲକୁ ସାମୟିକ ବନ୍ଦ କରାଯାଇଥିବା ସେ କହିଛନ୍ତି।


ମହିଳା କଲେଜ ସମ୍ମୁଖରେ ଧାରଣାରତ ହଷ୍ଟେଲ ଅସ୍ଥାୟୀ କର୍ମଚାରୀ।

**ମହିଳା କଲେଜ ହଷ୍ଟେଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ଦାବି**

- ହଷ୍ଟେଲ ଛାଡିଲେ ଛାତ୍ରୀ
- ଅଧ୍ୟକ୍ଷଙ୍କ ସହ ଆଲୋଚନା କଲେ ଉପଜିଲାପାଳ, ଏସ୍‌ଡିପିଓ
- ଶ୍ରମ କମିଶନର ଦେଇଥିଲେ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି

## ବ୍ଲକ ଶିକ୍ଷା ନିରୀକ୍ଷକ ସଂଘ ଗଠିତ

**ନୂଆପଡ଼ା ଅଫିସ,୨୪।୭**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ସେବାଶ୍ରମ ବିଦ୍ୟାଳୟ ରେ ବ୍ଲକସ୍ତରୀୟ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ନୂତନ ଶିକ୍ଷା ନିରୀକ୍ଷକ ସଂଘ ଗଠନ କରାଯାଇଥିଲା। ସଭାରେ ପଲସଦା ସେବାଶ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଝରାମଣି ଦେଇ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ପୂର୍ବତନ ରାଜ୍ୟ ସଭାପତି ମଦନ ସୁନ୍ଦର ହୋତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନ୍ଦୀପ ଚନ୍ଦ୍ରକାର, ସନ୍ତୋଷ କୁମାର ହୋତା, ତେଜୁରାମ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ସଭାରେ ସର୍ବସମ୍ମତିକ୍ରମେ ନୂତନ ବ୍ଲକସ୍ତରୀୟ କାର୍ଯ୍ୟକାରୀ ସଭାପତି ଭାବେ ତେଜୁରାମ ତାଣ୍ଡିଙ୍କୁ ମନୋନୀତ କରାଯାଇଛି। ଉପସଭାପତି ଅର୍ନ୍ନପୂର୍ଣ୍ଣା ସାହୁ, ସମ୍ପାଦକ ଗଗନ ବିହାରୀ ଅଗସ୍ତି, ସହସମ୍ପାଦକ ଧରମସିଂ ମାଝି ଓ କୋଷାଧ୍ୟକ୍ଷ ଭାବେ କୁଞ୍ଜ ବିହାରୀ ଶବରଙ୍କୁ ମନୋନୀତ କରାଯାଇଛି। ଜିଲା ପ୍ରତିନିଧି ଭାବେ ଲୋଚନ ଶବର ଓ ନୀଳିମା ମହାପାତ୍ର ମନୋନୀତ ହୋଇଛନ୍ତି। ନେପାଳ ମାଝି, ହରଦେବ ହଂସ, ଲାଇବାନ ସୋରୀ, ହିମାଂଶୁ ବିଶ୍ୱାଳ, ବାଳକୃଷ୍ଣ ନାଏକ, ସକୁନ୍ତଳା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ତହଁକ କୁଟୁମ ପକ୍ଷରୁ ଝକେର୍ କବିତା ଆସର


ତହଁକ କୁଟୁମ୍ ପକ୍ଷରୁ ଅନୁଷ୍ଠିତ ଝକେର୍ କବିତା ଆସରରେ ଉପସ୍ଥିତ ଅତିଥି ଓ କବି।

**ବଲାଙ୍ଗୀର ଅଫିସ,୨୪।୭**

ବଲାଙ୍ଗୀର ଅମଲା ଭବନ ଠାରେ ତହଁକ କୁଟୁମ୍ ତରଫରୁ ଝକେର୍ ଆସର ଅନୁଷ୍ଠିତ ହୋଇଛି। ଧର୍ମସିଂହ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ନିରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ନାଏକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ପ୍ରାଥମିକ ଶିକ୍ଷାରେ କୋଶଲୀ ଭାଷାର ଭୂମିକା ଆଲୋଚନାଚକ୍ରରେ ପ୍ରାଥମିକ ଶିକ୍ଷା ଶିଶୁର ବ୍ୟକ୍ତିତ୍ୱ ଗଠନରେ ଭିତ୍ତି ନିର୍ମାଣ କରେ ବୋଲି ମତ ରଖିଥିଲେ। ଏହି ସଭାରେ ତହଁକର ଲୋଗୋ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଯୁବକବି ଦିଲୀପ ମିଶ୍ରଙ୍କୁ ଯୁବ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ଲୋଗୋ ନିର୍ମାତା ନିଗମ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଶ୍ରୀୟାକାନ୍ତ ଦାଶ ସ୍ୱାଗତ ଦେଇଥିଲେ ଏବଂ ଅର୍ଜୁନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ରାଜେଶ ଶର୍ମା, ସବିତା ମହରା ମଞ୍ଚାସୀନ ଥିଲେ। କବିତା ମିଶ୍ର, ଅନନ୍ତ ବିଶ୍ୱାଳ ଏବଂ ଧର୍ମେନ୍ଦ୍ର ପ୍ରଧାନ କବିତା ଆସରର ସଂଯୋଜନା କରିଥିଲେ। ଏଥିରେ ଜିଲାରୁ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ତହଁକ ସମ୍ପାଦକ ରାଜେଶ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାସିନୀ ଭୋଇ, ରାଜୀବ ପ୍ରସାଦ ଭୋଇ, ସୌକିଲାଲ ସାହୁ, ରବୀନ୍ଦ୍ର ସାହୁ, କ୍ଷୀରସିନ୍ଧୁ ବିଶି, ଭରତ ମେହେର, ରାଧାକାନ୍ତ ସାହୁ, ତପସ୍ୱିନୀ ପଶାୟତ ଏବଂ ଯଦୁମଣି କର୍ଣ୍ଣ ସହଯୋଗ କରିଥିଲେ।

## ବାଲସି ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରତିଷ୍ଠା ଦିବସ

**କେସିଙ୍ଗା,୨୪।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସିସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠରେ ବିଦ୍ୟାଳୟ ୩୩ତମ ପ୍ରତିଷ୍ଠା ଦିବସ ପାଳିତ ରବିବାର ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତା ଅଧ୍ୟକ୍ଷତା କରିଥଲେ । ସଭାରେ ବିଦ୍ୟାଳୟ ପ୍ରତିଷ୍ଠାତା, ସଭ୍ୟ, ପୁରାତନ ଛାତ୍ର ତଥା ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଥମେ ପ୍ରଧାନ ଶିକ୍ଷକ ପ୍ରତିଷ୍ଠାତା ମହେନ୍ଦ୍ର ସାହୁ, ଧବଳେଶ୍ୱର ସାହୁ, ବିରଞ୍ଚି ସାହୁଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ସଙ୍ଗେ ବିଦ୍ୟାଳୟ ପ୍ରତିଷ୍ଠା ଉପରେ ଆଲୋକ ପାତକରିଥିଲେ। ଖେଳ ଶିକ୍ଷକ କଇବଲ ସାହୁ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଉନ୍ନତି ଉପରେ ଆଲୋଚନା କରିଥିଲେ। ହିନ୍ଦୀ ଶିକ୍ଷକ ଜୟ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥି, ପ୍ରଧାନ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପରିବେଶ ସୁରକ୍ଷା ପାଇଁ ସଚେତନତା ରାଲି



ଡାଲଖାଇ ପାହାଡ଼ରେ ସାମୂହିକ ଚାରା ରୋପଣ କରାଯାଉଛି।

**ଲୋଇସିଂହା,୨୪।୭(ଡି.ଏନ.ଏ.)**

**ଡାଲଖାଇ ପାହାଡ଼ରେ ମେଗା ଚାରା ରୋପଣ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡା ଆଥଲେଟିକ ଆସୋସିଏଶନର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଡାଲଖାଇ ପାହାଡରେ ମେଗା ଚାରା ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶ୍ୟାମସୁନ୍ଦର ମେହେର, ସମ୍ପାଦକ ସଚ୍ଚିଦାନନ୍ଦ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠାନର ସକ୍ରିୟ ସଦସ୍ୟ ଓ ଗ୍ରାମର ମହିଳାମାନଙ୍କୁ ନେଇ ପରିବେଶ ସନ୍ତୁଳନ ରକ୍ଷା ଉପରେ ଗାଁରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ଡାଲଖାଇ ପାହଡକୁ ଯାଇ ୨ଶହ ଶାଗୁଆନ,୧ଶହ ବାଉଁଶ, ୧ ଶହ ଲିମ୍ବ ପରି ବିଭିନ୍ନ ପ୍ରଜାତିର ୫ ଶହ ଚାରା ରୋପଣ କରାଯାଇଥିଲା। ସେହିପରି ଲୋଇସିଂହା ରାମ ମନ୍ଦିରରେ ଲକ୍ଷ୍ମୀନାରାୟଣ ଦାସ ମହାରାଜଙ୍କ ପୌରାହିତ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଗୌରୀ ସାହୁ, ବିବୁଲ ମହାକୁର, ଅଶୋକ ବେହେରା, ବିଭୂତିଭୂଷଣ ସାହାଣୀ, କୁନା ମିସ୍ତ୍ରୀ, ସରୋଜ ମହାକୁର, ଉପେନ୍ଦ୍ର ସାହୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାମ ମନ୍ଦିର ପରିସରରେ ଚାରା ରୋପଣ କରିଥିଲେ।

## ବିଜେଡି ପ୍ରତିଷ୍ଠା ଦିବସରେ ଚାରା ରୋପଣ

**ଟିଟିଲାଗଡ଼,୨୪।୭(ଡି.ଏନ.ଏ.)**

ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ଟିଟିଲାଗଡରେ ଦଳୀୟ କର୍ମକର୍ତ୍ତା ପାଳନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଧବଳେଶ୍ୱର ବିଦ୍ୟାପୀଠରେ ରାଜ୍ୟ ଜଳସେଚନ, ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ପରେ ମନ୍ତ୍ରୀ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଦଳର କର୍ମକର୍ତ୍ତାଙ୍କୁ ସମ୍ବୋଧନ କରି ରାଜ୍ୟ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଆଦିବାସୀ, ଦଳିତବର୍ଗଙ୍କ ପାଇଁ ସର୍ବଦା ରାଜ୍ୟ ସରକାର କାମ କରିଆସିଛନ୍ତି। ଆଦିବାସୀ ନେତା ନିରଞ୍ଜନ ବିଶିଙ୍କୁ ରାଜ୍ୟ ସଭାକୁ ପଠାଇବା ସହ ଆଦିବାସୀବର୍ଗରୁ ଦୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭାବରେ ବିଜେଡି ପୂର୍ଣ୍ଣ ସମର୍ଥନ କରିଥିଲା। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପୌର ଉପାଧକ୍ଷା ପୁଷ୍ପାମଞ୍ଜରି ଜାଲ, ବିଜେଡି ସଭାପତି ପଦ୍ମଲୋଚନ ପୋଢ, ବ୍ଲକ ଯୁବ ଶାଖା ସଭାପତି ସୁଧିର ପଟ୍ଟନାୟକ, ନଗର ଯୁବ ସଭାପତି ରାଜୁସିଂ ପାତ୍ର, ନଗର ଛାତ୍ର ଶାଖା ସଭାପତି ଆଶୁତୋଷ ମିଶ୍ର, ବ୍ଲକ ଛାତ୍ର ସଭାପତି ବିକାଶ ବେହେରା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ବନପାଳ ସୁରେନ୍ଦ୍ର ମହାରଣା, ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବଦତ୍ତ ଗୁରୁ ତଥା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।


ଚାରା ରୋପଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ମନ୍ତ୍ରୀ ଟୁକୁନି ସାହୁ।

## ଆଦିବାସୀ କଲ୍ୟାଣ ସଂଘ ପାଳିଲା ବିଜୟ ଉତ୍ସବ

**ଉଲୁଣ୍ଡା,୨୪।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଏସ.ପତ୍ରାପାଲି ଗିନ୍ଦିଲ୍ଲାମାଲ ଖେଳ ପଡିଆରେ ରବିବାର ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଦୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ଅବସରରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଆଦିବାସୀ ସଂଘର ବ୍ଲକ ସଭାପତି ନନ୍ଦନ ବାରିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଗଣ୍ଡ ସମାଜର ବ୍ଲକ ସମ୍ପାଦକ ମୋକୁନ୍ଦ ଧରୁଆ, ଜୟକୃଷ୍ଣ ମାଝି, କାଦୋଦର ପଞ୍ଚାୟତର ତ୍ରିନାଥ ଭୋଇ, ଲିଙ୍ଗରାଜ ପଧାନ, ଦୟାନିଧି ପଧାନ, ତରଭା ବ୍ଲକର ବୀରୁ ମୁଣ୍ଡାଙ୍କ ସମେତ ବହୁ ଆଦିବାସୀ ଯୋଗଦେଇଥିଲେ। ବୈଠକରେ ନବନିର୍ବାଚିତ ରାଷ୍ଟ୍ରପତି ମୁର୍ମୁଙ୍କ ସଫଳତା ଉପରେ ଆଲୋଚନା କରାଯାଇଥିଲା। ପରେ ଆଦିବାସୀ ପରମ୍ପରା ଅନୁସାରେ ବାଦ୍ୟ ଯନ୍ତ୍ରର ତାଳେତାଳେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ବିଜୟ ଉତ୍ସବରେ ଫିଲିପ ବାର୍ଲା, ବାସନ୍ତି ସାଶଦା, ଗୋସନାର କାଣ୍ଡୁଲାନା, ମାରାସାଲାନ ଭେଙ୍ଗେରା, ବୁଆସ ବାର୍ଲାଙ୍କ ସମେତ ଏସ.ପତ୍ରାପାଲି ପଞ୍ଚାୟତରେ ବସବାସ କରୁଥିବା ବହୁ ଆଦିବାସୀ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।


ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ଝାରସୁଗୁଡା
OFFICE OF THE EXECUTIVE ENGINEER
RURAL WATER SUPPLY & SANITATION DIVISION,JHARSUGUDA
Inside Collectorate Campus,OMP Line,Jharsuguda-768204,
Ph:06645-270219 (Off), Fax:06645-270219,Email:eerwss_jha@nic.in

**Quotation Call Notice No.05/RWS&S, Dt.20.07.22**

**No.O-705:**1.Hiring of A/C Diesel driven Bolero/Vehicle TUV 300 (Preferably Petrol) for RWS&S Division, Jharsuguda under Jharsuguda District.
2. Total Number of Vehicle : 01 No.
3. Estimated Hire Cost : Rs.31,000/- per Month per Vehicle
4. Period of Contract : 24 Months
5. Quotation Paper dropping Last date & Time : 10.08.2022 by 11.00 A.M.
6. Quotation Paper opening date and time : 10.08.2022 by 11.30 A.M.

| Procurement Officer | Quotation Call Notice Number | Availability of tender Papers for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Water Supply & Sanitation Division, Jharsuguda | 05 of 2022-23 dt.20.07.2022 | 28.07.2022 at 10.00 A.M. | 08.08.2022 upto 5.30 P.M. |

OIPR-25008/11/0006/2223
Sd./-Superintending Engineer
RWS&S Division,Jharsuguda


## ବୃଦ୍ଧାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ, ୨ ଯୁବକ ଅଟକ

**ବଲାଙ୍ଗୀର ଅଫିସ,୨୪।୭**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୁସମେଲ ଗାଁର ଜଣେ ବୃଦ୍ଧାଙ୍କୁ ଦୁଇଜଣ ଯୁବକ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବୃଦ୍ଧା ଜଣକ ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପାଇବା ପରେ ଏକ ମାମଲା (୩୧୭/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀ ୨ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ରବିବାର ଅପରାହ୍ଣରେ କୁସମେଲ ଗାଁର ଧାନ ସୁନା (୬୫) ଚାଷ ଜମିରେ କାମ କରୁଥିଲେ। ନିଜ ସ୍ୱାମୀଙ୍କୁ ଖାଇବା ଦେବାକୁ ଯିବାବେଳେ ଗାଈ ଚରାଉଥିବା କୁସମେଲର ଆଶିଷ ସିଂ (୨୩) ଓ ପୋଢ଼ମୁଣ୍ଡର ଫକୀର ଝାଙ୍କର (୩୨) ସମ୍ପୃକ୍ତା ବୃଦ୍ଧାଙ୍କୁ ଅଟକାଇ ଥିଲେ। ଏହାପରେ ତାଙ୍କ ତଣ୍ଟିଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ତାଙ୍କ ସ୍ୱାମୀ ଓ ଆଖପାଖ ଜମିରେ କାମ କରୁଥିବା ଲୋକେ ସେଠାକୁ ଆସି ବୃଦ୍ଧାଙ୍କୁ ଉଦ୍ଧାର କରିବା ସହ ଦୁଇ ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ। ବୃଦ୍ଧାଙ୍କ ଅବସ୍ଥା ଗୁରୁତର ହୋଇଯାଇଥିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସଦର ପୋଲିସ ଥାନାଧିକାରୀ ଶ୍ରୀକାନ୍ତ ସାହୁ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଧରିଥିଲେ। ଉକ୍ତ ଦୁଇ ଯୁବକଙ୍କୁ ମଧ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୭ ଓ ୩୪ ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।


**e-Procurement Notice for Building Works Identification No. 06/SERW/BLS/2022-23**

**No.O-707:**1.Name of the Work : Buildings. 2. Total No. of Works: 2 Nos. 3. Estimated Cost : Estimated Cost Rs.4.24 Lakh to 35.33 Lakh. 4. Class of Contractor : 'D', 'C' & 'B' Class. 5. Time of Completion : 1 & 3 Month (One and Three Calendar Month). 6. Other Details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 06/ SERW/ BLS/ 2022-23 | 29.07.2022 at 11.00 A.M. | 06.08.2022 upto 5.00 P.M. | 06.08.2022 upto 1.00 P.M. | 08.08.2022 at 11.00 P.M. |

Further details can be seen from the website: www.tendersodisha.gov.in.
Sd./- Superintending Engineer, R.W.Division, Balasore
OIPR-25108/11/0005/2223

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୨୫ ଜୁଲାଇ, ୨୦୨୨

## ସମିତି ସଭ୍ୟମାନଙ୍କ ନୂତନ କର୍ମକର୍ତ୍ତା ଗଠିତ

କେସିଙ୍ଗା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସମିତିସଭ୍ୟମାନଙ୍କ ନୂତନ କର୍ମକର୍ତ୍ତା ଉହ୍ଲେଲା ପଡିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ୍ୟା ସୁକାନ୍ତି ବେହେରାଙ୍କ ଅସ୍ଥାୟୀ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ସାମାଜିକ କର୍ମୀ ତଥା କୁଣ୍ଡାବାନ୍ଧ ସମିତିସଭ୍ୟ ମନୋଜ କୁମାର ପଟ୍ଟନାୟକଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ଉପସଭାପତି ଭାବେ ପାଣ୍ଟିକୁଟି ସମିତି ସଭ୍ୟା ସୀତା ଚୌଧୁରୀ, ସମ୍ପାଦକ ଭାବେ ଉହ୍ଲେଲା ଗ୍ରାମପଞ୍ଚାୟତ ସମିତି ସଭ୍ୟ ତ୍ରିନାଥ ମାଝିଙ୍କୁ ମନୋନୀତ କରାଯାଇଛି।



**ସଂକ୍ଷେପରେ**

## ୧୦ ଫୁଟ ଲମ୍ବର ଅଜଗର ଉଦ୍ଧାର



ଉଦ୍ଧାର କରାଯାଇଥିବା ଅଜଗର।

**ନୂଆପଡ଼ା ଅଫିସ,୨୪।୭:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ବେହେରାପଡା ଗାଁରୁ ଏକ ଅଜଗର କୋମନା ବନ ବିଭାଗ ଉଦ୍ଧାର କରିଛି। ପରେ କୋମନା ନିକଟ କାଣ୍ଡେଲ (ଖ) ପାହାଡ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡି ଦିଆଯାଇଛି। ରବିବାର ବେହେରାପଡା ଗାଁର ସାଗର ବନଛୋରଙ୍କ ପୁରୁଣା ପାଇଖାନା ଗାତରେ ଏହି ଅଜଗର ସାପ ପଡି ରହିଥିବା ପରିବାର ଲୋକେ ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ରେଞ୍ଜର ଦେବଦତ୍ତ ସୁତାରଙ୍କ ନେତୃତ୍ୱରେ ଏକ ଦଳ ବେହେରାପଡା ଗାଁକୁ ଆସି ଗାତରେ ପଡିଥିବା ଅଜଗର ସାପକୁ ଉଦ୍ଧାର କରିଥିଲେ। ସାପର ଲମ୍ବ ୧୦ ଫୁଟ, ୮ ଇଞ୍ଚ ଗୋଲେଇ ଓ ୨୫ କିଲୋଗ୍ରାମ ଓଜନ ରହିଥିଲା। କୋମନା ବନ ବିଭାଗ ରେଞ୍ଜର ସୁତାରଙ୍କ ସମେତ ଫରେଷ୍ଟର ଜୟଲାଲ ପ୍ରସାଦ ଶୁକ୍ଳା, କନକରାମ ନାଏକ, ବିଜୁଳ ରାଉତ ରାୟ, ସୁରେଶ ମଲ୍ଲିକ, ସୁରେନ୍ଦ୍ର କୁମାର ନିଆଲ, ଘନଶ୍ୟାମ ଶବର, ଯାଜ୍ଞସିନି କ୍ଷେତି, ଉତ୍ତମ କୁମାର ମେହେର ପ୍ରମୁଖ ସହଯୋଗ କରିଥିଲେ।

## କର୍ଲାମୁଣ୍ଡା ବ୍ଲକ: ୭ ପିଇଓଙ୍କୁ ୧୨ ପଞ୍ଚାୟତ

**କର୍ଲାମୁଣ୍ଡା,୨୪।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ କର୍ଲାମୁଣ୍ଡା ବ୍ଲକରେ ଶୁକ୍ରବାର ନୂତନ ଭାବେ ୫ଜଣ ପିଇଓ ଯୋଗଦେଇଛନ୍ତି। ବ୍ଲକର ପତ୍ର ସଂଖ୍ୟା ୨୪୪୪,ତା ୨୨/୭/୨୦୨୨ ରିଖ ଅନୁଯାୟୀ, ସେମାନଙ୍କୁ ବିଭିନ୍ନ ପଞ୍ଚାୟତରେ ଯୋଗଦେବାକୁ ନିର୍ଦ୍ଦେଶ ହୋଇଛି। ବ୍ଲକରେ ପୂର୍ବରୁ ଥିବା ୨ ଜଣ ପିଇଓଙ୍କୁ ମିଶେଇ ବର୍ତ୍ତମାନ ୭ଜଣ ପିଇଓ ରହିଛନ୍ତି। ସେମାନଙ୍କ ମଧ୍ୟରୁ ରିଞ୍ଜା ଓ ବୋରପଦର ପଞ୍ଚାୟତ ପାଇଁ ପରମାନନ୍ଦ ମାଝି, କର୍ଲାମୁଣ୍ଡା ଓ ସ. ମାଲପଡା ପଞ୍ଚାୟତ ପାଇଁ ରାହସ ପଧାନ, ରିଷିଡା ଓ ପୌରକେଲା ପଞ୍ଚାୟତ ଲାଗି ଦେବରାଜ ରଣାଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଜୋରାଡ଼ବରା ଓ ରେଗଡା ପଞ୍ଚାୟତ ପାଇଁ ବସନ୍ତ ମିଶ୍ର, ତେରେସିଙ୍ଗା ଓ ସାପଲହରା ପଞ୍ଚାୟତ ପାଇଁ ରମେଶ ମହଲା ରହିଥିବା ବେଳେ ଗଜବାହଲ ପଞ୍ଚାୟତ ପାଇଁ ସୁବାଷ ସାହୁ ଓ ରାଜପୁର ପଞ୍ଚାୟତ ପାଇଁ ଟିକେରାମ ଛତ୍ରିଆଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ୭ଜଣ ପିଇଓଙ୍କୁ ନେଇ ୧୨ଟି ପଞ୍ଚାୟତରେ କିଭଳି ଉନ୍ନୟନ କାର୍ଯ୍ୟଗୁଡିକ ଠିକ ଭାବେ ପରିଚାଳନା ହେବ, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅଧିକ ପିଇଓ ନିଯୁକ୍ତି ଦିଆଯିବାକୁ ସାଧାରଣରେ ଦାବି ହେଉଛି।

## ଜିଲା ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ଖଡ଼ିଆଳ,୨୪।୭(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ତିଖାଲି ଡ୍ୟାମ ବଙ୍ଗଳାସ୍ଥିତ ସଭାଗୃହ ପରିସରରେ ଜିଲା ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କ୍ୟାଡ଼ର) ସଭାପତି ଅରୁଣ ଯୋଶୀଙ୍କ ଅଧକ୍ଷତା କରିଥିବା ବେଳେ ଜିଲା ସମ୍ପାଦକ ଭୋଜରାମ ଅହୀର ଏକ୍ସ କ୍ୟାଡ଼ର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ ଅତିଶୀଘ୍ର ଏନ୍‌ପିଏସ୍‌ରେ ସାମିଲ କରିବା, ମୃତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା, ଶିକ୍ଷକ ସଂଘ ପକ୍ଷରୁ ମଧ ଆର୍ଥିକ ସହାୟତା ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଏକ୍ସ କ୍ୟାଡର ଶିକ୍ଷକ ସଂଘ ପରାମର୍ଶ ଦାତା ପରମେଶ୍ୱର ବାରିକ, ଶିକ୍ଷକ ସୁରେଶ କ୍ଷତ୍ରି, ଭୀମରାମ ନାଏକ, କୃଷ୍ଣଚନ୍ଦ୍ର ଦାସ, ଅଜୟ ହେରନା, ପ୍ରକାଶ ଦଣ୍ଡସେନା, ଦିଲୀପ ପାଣ୍ଡେ, ନିରୋଜ ଖମାରୀ, ମାଧ ବାଗ, ଲୋକନାଥ ମେହେର, ଫୁଲମତି ଶବରଙ୍କ ସମେତ ଜିଲାର ୫ଟି ବ୍ଲକ ଖଡ଼ିଆଳ, ସିନାପାଲି, କୋମନା, ବୋଡ଼େନ ଓ ସଦର ବ୍ଲକ ନୂଆପଡ଼ାରୁ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ।

# ହିରାପୁରବାସୀଙ୍କ ପାଇଁ ନାଳ ବାଧକ

- ଗାଁ ପାଇଁ ରାସ୍ତା ମୁଖ୍ୟ ସମସ୍ୟା
- ଖଟିଆରେ ରୋଗୀଙ୍କୁ ବୋହିବାକୁ ପଡିଥାଏ
- ମୌଳିକ ସୁବିଧାରୁ ବଞ୍ଚିତ

**ନୂଆପଡ଼ା ଅଫିସ,୨୪।୭**



ନାଳରେ ବୁଡ଼ି ଲୋକେ ଯାଉଛନ୍ତି।

ନୂଆପଡ଼ା ଜିଲା କୋମନା ବ୍ଲକ ମୁଣ୍ଡାପଲା ପଞ୍ଚାୟତ ହୀରାପୁରବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଗାଁକୁ ପକ୍କା ରାସ୍ତା ତ ଦୂରର କଥା ପାଦ ଚଲା ରାସ୍ତା ମଧ୍ୟ ନାହିଁ। ହିରାପୁର ଗାଁ ପାଇଁ ରାସ୍ତା ହେଉଛି ମୁଖ୍ୟ ସମସ୍ୟା। ହେଲେ ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ଗ୍ରାମବାସୀ ବର୍ଷା ଦିନେ କାଠ ପୋଲ କରି ବିପଦସଙ୍କୁଳ ଅବସ୍ଥାରେ ଯିବାଆସିବା କରିଥାନ୍ତି। ପଞ୍ଚାୟତଠାରୁ ଆରମ୍ଭ କରି ଜିଲା ପ୍ରଶାସନଠାରେ ଗୁହାରୀ କରି ନିରାଶ ହୋଇ ଗଲେଣି। ରାସ୍ତା ତିଆରି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନା ଯେ, ପଞ୍ଚୟତ କାର୍ଯ୍ୟାଳୟଠାରୁ ୧ କି.ମି. ଦୂରରେ ଅବସ୍ଥିତ ହିରାପୁର ଗାଁରେ ୨ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ବେଳେ ୩୦ ପରିବାର ବାସ କରନ୍ତି। ଗାଁକୁ ଯିବା ପାଇଁ ସବୁଦିନିକିଆ ରାସ୍ତା ନାହିଁ। ମୁଣ୍ଡାପଲା ଓ ହିରାପୁର ମଝିରେ ଏକ ନାଳ ପଡେ। ଖରାଦିନରେ କେଷ୍ଟମଷ୍ଟେ ଚଳିଯାଏ। ବର୍ଷା ଦିନରେ ସେହି ରାସ୍ତା ଦେଇ ଲୋକେ ଯିବାଆସିବାରେ ବହୁତ ଅସୁବିଧାର ସମ୍ମୁଖିନ ହେବାକୁ ପଡେ। ଗାଁରେ ଅଙ୍ଗନୱାଡି କେନ୍ଦ୍ର ଛାଡି ଦେଲେ ଆଉ ଅନ୍ୟ କୌଣସି ସୁବିଧା ନାହିଁ। ଗାଁରେ ବିଦ୍ୟାଳୟ ନ ଥିବାରୁ ଛୋଟଛୋଟ ଶିଶୁମାନେ ସେହି ରାସ୍ତା ଦେଇ ବିପଦସଙ୍କୁଳ ଅବସ୍ଥାରେ ଯାଇଥାନ୍ତି। ସେହି ରାସ୍ତା ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗମାନେ ଭତ୍ତା ଓ ରାଶନ ସାମଗ୍ରୀ ପାଇଁ ଯିବା ଆସିବା କରନ୍ତି। ବର୍ଷା ଦିନରେ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସ ଯାଉ ନ ଥିବାରୁ ଖଟିଆରେ ରୋଗୀଙ୍କୁ ମୁଣ୍ଡାପଲା ଗାଁ ପର୍ଯ୍ୟନ୍ତ ବୋହିବାକୁ ପଡିଥାଏ। ପରେ କୌଣସି ଗାଡି କିମ୍ବା ଅନ୍ୟାନ୍ୟ ସୁବିଧା କରି ନୂଆପଡ଼ା କିମ୍ବା ଅନ୍ୟ ସ୍ଥାନକୁ ନିଆଯାଇଥାଏ। ଏ ସଂକ୍ରାନ୍ତରେ ଜିଲା ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁଙ୍କୁ ପଚାରିବାରୁ ଆମେ କୋକମନା ବିଡିଓ ସୁଶାନ୍ତ ରଣାଙ୍କୁ ନିର୍ଦ୍ଦେଶ ଦେଇଛି। ବହୁତ ଶୀଘ୍ର ସମାସ୍ୟା ସାମାଧାନ ହୋଇଯିବ ବୋଲି ପ୍ରକାଶ କରିଥିଲେ।

# ଦକ୍ଷତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୪।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପଞ୍ଚମ ବ୍ୟାଚର ଦକ୍ଷତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇ ଓ ବିଜ୍ଞାନ ଶିକ୍ଷକ ଗିରିଧାରୀ ସା ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉଦବୋଧନ ଦେବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସୁର ବିଜୟକାନ୍ତ ତାଣ୍ଡିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀରେ ସାଧନ କର୍ମୀ ନିଖିଳ ଓଝା, ଧର୍ମେନ୍ଦ୍ର କୁମାର ଦଣ୍ଡସେନା ଓ ଜି.ୱାଇ.ଏସ. ଭୁଲିଆସିକୁଆଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମେହେର ମଞ୍ଚାସୀନ ଥିଲେ। ତାଲିମ କାର୍ଯ୍ୟକ୍ରମ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ନୂଆପଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ଦ୍ୱାରାନ୍ୱିତ କରିଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶଶି ପାତ୍ର ତାଣ୍ଡି ପ୍ରାରମ୍ଭିକ ସଙ୍ଗୀତ ଓ ଶିକ୍ଷକ ଜୟଦେବ ବେହେରା ସମାପନ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ବିଜୟ କୁମାର ନାଗ ,ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ , ତପନ କୁମାର ବାରିକ ଓ ମହାତ୍ମା ଗିରି ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ନିଜ ଅନୁଭୂତି ଉପସ୍ଥାପନ କରିଥିଲେ। ପ୍ରକାଶ ଥାଉକି ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ୪୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଗୌରୀ ଶଙ୍କର ଦୁବେ, ରତନ ସିଂ ବାରିକ, ପ୍ରଶାନ୍ତ କୁମାର ପଣ୍ଡା, ନୀଳିମା ରାଣୀ ସାଗର ,ପ୍ରଭୁଦତ୍ତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ଶ୍ୟାମ ନାରାୟଣ ମୁଣ୍ଡ, ସରସ୍ୱତୀ ରାଉତ, ମହମ୍ମଦ କଲାମ, ବୈଷ୍ଣବ ମେହେର, ସିମନ୍ତ କୁମାର ହେର୍ଣ୍ଣା, ହୋସ କୁମାର କଟା, ଦୁର୍ଯ୍ୟୋଧନ ସଗରିଆ, ଆଶିଷ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ପାକ୍ସ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

**ବୋଡେନ,୨୪।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ନବନିର୍ବାଚିତ ସଭାପତି ବିପିନ ବିହାରୀ ଧରୁଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପାକ୍ସର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପ୍ରଜେଶ ହଂସ ନୂଆ ସଭାପତି ଧରୁଆଙ୍କ ସହ ସମିତି ଉପସଭାପତି ସରସ୍ୱତୀ ମାଝି ତଥା ନିର୍ଦ୍ଦେଶକ ଲଛମନ ମାଝି, ମଧୁସୂଦନ ଦଣ୍ଡସେନା, ନିରନ ଧରୁଆ, ନିରନ ନାଗ, ବିଷ୍ଣୁ ମାଝି, ଅରୁଣ ମାଝି, ଧନୁର୍ଯ୍ୟ ମାଝି, ଧନୁର୍ଦ୍ଧର ବାଗ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଗତ ଜୁନ୍ ୨୨ ତାରିଖରେ ପାକ୍ସ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୨୪ ତାରିଖ ବିଧିବଦ୍ଧ ଭାବେ ଘୋଷଣା ହୋଇଥିଲା। ଏଥିରେ ବିପିନ ବିହାରୀ ଧରୁଆ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଥିଲେ।

# ଖବରଦାତାଙ୍କ ସୁରକ୍ଷା ଦାବି ନେଇ ଶୋଭାଯାତ୍ରା




ଜୁନାଗଡ଼ ସହରରେ ଆୟୋଜିତ ଖବରଦାତାଙ୍କ ଶୋଭାଯାତ୍ରା।

**ଜୁନାଗଡ଼,୨୪।୭(ଡି.ଏନ.ଏ.)**

**କାର୍ଯ୍ୟରତ ଖବରଦାତାଙ୍କ ଉପରେ ବଢୁଛି ଆକ୍ରମଣ**

କଳାହାଣ୍ଡି ଜିଲା ଜୁନାଗଡ଼ ସହରର ଜଣେ ବରିଷ୍ଠ ଖବରଦାତା ପ୍ରଶାନ୍ତ ପଣ୍ଡାଙ୍କୁ ଗତ ୧୯ ତାରିଖରେ ଜଣେ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ରବିବାର କଳାହାଣ୍ଡି ଜିଲା ଜୁନାଗଡ଼ ସହରଠାରେ ଜିଲା ସାମ୍ବାଦିକ ସମୂହ ପକ୍ଷରୁ ସ୍ଥାନୀୟ ମା' ଲଙ୍କେଶ୍ୱରୀ ମନ୍ଦିରଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ଦାବିପତ୍ର ଜୁନାଗଡ଼ ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ ହେଉଥିବା ନେଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଖବରଦାତା ସୁରକ୍ଷା ଆଇନ ପ୍ରଣୟନ, ଗୋପବନ୍ଧୁ ସାମ୍ବାଦିକ ସାସ୍ଥ୍ୟ ବୀମା ରାଶି ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା, ଗୋପବନ୍ଧୁ ସାସ୍ଥ୍ୟବୀମାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ଅନ୍ତର୍ଭୁକ୍ତ କରିବା, ଅବସରପ୍ରାପ୍ତ ସାମ୍ବାଦିକଙ୍କୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପ୍ରମୁଖ ରହିଛି। ପରେ ସଂସ୍କୃତି ଭବନରେ ଜୁନାଗଡ଼ ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ବରାଡ଼ଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ଖବରଦାତା ଶେଷଦେବ ବେହେରା, କଳାହାଣ୍ଡି ଜିଲା ସାମ୍ବାଦିକ ୟୁନିୟନ ସଭାପତି କମ୍ବୁପାଣି ମିଶ୍ର, କାର୍ଯ୍ୟକାରୀ ସଭାପତି ବିରଞ୍ଚି ଜାଲ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂହଦେଓ, ମହମଦ ଅଲି, ରଜନୀକାନ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନଥିଲେ। ଜୁନାଗଡ଼ ସାମ୍ବାଦିକ ସଂଘ ସମ୍ପାଦକ ନରେନ୍ଦ୍ର କ୍ଷିତି ଧନ୍ୟବାଦ ଅର୍ପଣ କରିଥିଲେ। ଶୋଭାଯାତ୍ରାରେ ଜିଲାର ୧୩ଟି ବ୍ଲକ ସମସ୍ତ ଖବରଦାତାମାନେ ଯୋଗଦେଇଥିଲେ।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ

**ଖଡ଼ିଆଳ,୨୪।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଅଗ୍ରସେନ ଭବନଠାରେ ରବିବାର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରକ୍ଷୀତ ସୁନାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ବ୍ଲକ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଯୋଗଦେଇଥିଲେ। ବୈଠକରେ ୧୫୦୦ ଗ୍ରେଡ ପେ ବଦଳରେ ସେମାନଙ୍କୁ ୧୭୦୦ ଗ୍ରେଡ ପେ ପ୍ରଦାନ ସହିତ ଅନ୍ୟାନ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ଓଷ୍ଟା ସମ୍ପାଦକ ରବୀନ୍ଦ୍ରନାଥ ଜୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଓଷ୍ଟା ନେଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ୨ୟ ଓ ୩ୟ ପିଅନ ଭାଇମାନଙ୍କ ସରକାରୀ ଚାକିରୀରେ ପ୍ରବେଶ ତାରିଖକୁ ୧/୧/୨୦୦୪କୁ ଆଣ୍ଟିଡେଶନ କରିବା ପାଇଁ ମଧ ସଂଘ ସରକାର ପାଖରେ ଦାବି କରିଥିବା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ଖଡ଼ିଆଳ ବ୍ଲକ ଓଷ୍ଟା ସମ୍ପାଦକ ଭରତ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ପଞ୍ଚୁରାମ ନାଏକ, ନବୀନ ବେହେରା, ଅନ୍ତରାମ ବାଗ, ଚୌବର୍ଗ ପୋଡ, ରଫ ମାଝି, ଲବ୍ୟ ପଟେଲ, ପ୍ରେମକୁମାର ମାଝି, ଲୋଚନ ମାଝି, ଗିରିଧାରୀ ମାଝି, ଭୋଦେବ ଭିତ୍ରିଆ, ସିମନ୍ତ ହେର୍ଣ୍ଣା, ଜୟଦେବ ତାଣ୍ଡି, ଗୋପୀନାଥ ଜଗତ, ପରୀକ୍ଷିତ ସୁନାନୀ, ତ୍ରିଲୋଚନ କାଣ୍ଡ, ଦୀନବନ୍ଧୁ ବାଗ ପ୍ରମୁଖ ଯୋଗଦେଇଥିଲେ ।

## ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଆଲୋଚନା



ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଉଛି।

**ବୋଡେନ,୨୪।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ଫରସରା ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ନେଇ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ଟଣାଓଟରା ଲାଗି ରହିଛି। ପଞ୍ଚାୟତ ଫରସରା ହୋଇଥିବା ବେଳେ କାର୍ଯ୍ୟାଳୟ ଫରସରାର ପଡା ଗ୍ରାମ ବୁଢୀପଦରରେ ରହିଛି। କାର୍ଯ୍ୟାଳୟ ପଞ୍ଚାୟତ ଆରମ୍ଭ ଦିନରୁ ବୁଢିପଦରରେ କାର୍ଯ୍ୟ କରି ଆସୁଛି। ହେଲେ ପ୍ରାୟ ୧୫ ବର୍ଷ ତଳେ ଫରସରା ଗ୍ରାମବାସୀ କାର୍ଯ୍ୟାଳୟ ବୁଢିପଦରରୁ ଫରସରାକୁ ସ୍ଥାନାନ୍ତର ଦାବି କରିଥିଲେ। ବୁଢିପଦର ଗ୍ରାମବାସୀ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରିଥିଲେ। ମାମଲା ଏପରି ହେଲା ଯେ କଥା କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ବର୍ତ୍ତମାନ ପଞ୍ଚାୟତ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ସରକାର ଫଣ୍ଡ ବ୍ୟବସ୍ଥା କରିଥିବା ବେଳେ କେଉଁଠି ପଞ୍ଚାୟତ ତିଆରି ହେବ ସେ ନେଇ ତର୍କବିତର୍କ ଓ ଟଣାଓଟରା ଲାଗି ରହିଥିଲା। ଏହାର ସମାଧାନ ପାଇଁ ଜିଲା ପରିଷଦ ସଭାପତି ଡଲି ମାଝିଙ୍କ ଅଧକ୍ଷତାରେ ବୋଡେନ ବ୍ଲକ ସଭାଗୃହରେ ଏକ ବୈଠକ ହୋଇଥିଲା। ବୈଠକରେ ୧୧ ନଂ. ଜୋନ ଜିଲା ପରିଷଦ ସଭ୍ୟା ସ୍ମୃତି ସିଂମାଝି, ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ, ଫରସରା ସମିତି ସଭ୍ୟ ସୌଦାଗର ସାହୁ, ସରପଞ୍ଚ ସରିତା ନିଆଲ ତଥା ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ଓ ଦୁଇ ଗ୍ରାମର ୧୦ଜଣ ଲେଖାଏଁ ଗ୍ରାମବାସୀ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଆଲୋଚନା ଦ୍ୱାରା ଆପୋଷ ସମାଧାନ କରାଯାଇଛି। ଫରସରା ଓ ବୁଢିପଦରର ମଝି ସ୍ଥାନରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସହମତି ପ୍ରକାଶ ପାଇଛି। ପୁଣି ଫରସରା ପଞ୍ଚାୟତ ପାଇଁ ଥିବା ବ୍ୟାଙ୍କିଂ ସୁବିଧା କେନ୍ଦ୍ର ଫରସରା ରାଜିବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଚଳିବାକୁ ସହମତି ହୋଇଥିବା ଜଣାପଡିଛି।

# ଘର ଭଡ଼ା ବୃଦ୍ଧି ଦାବି କଲା ଶିକ୍ଷକ ସଂଘ

**ଖଡ଼ିଆଳ,୨୪।୭(ଡି.ଏନ.ଏ.)**

୨୦୧୬ରୁ ସପ୍ତମ ବେତନ କମିଶନ ଆଧାରରେ ଓଡିଶା ସରକାରୀ କର୍ମଚାରୀ ଦରମା ବୃଦ୍ଧି ହୋଇଛି। କିନ୍ତୁ ୬ ବର୍ଷ ବିତିଗଲାଣି ଘର ଭଡା ଭତ୍ତା ବୃଦ୍ଧି ହୋଇନାହିଁ। କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଘର ଭଡା ଭତ୍ତା ୨୦୧୬ରୁ ସପ୍ତମ ବେତନ କମିଶନ ଆଧାରରେ ୮.୧୬ ଓ ୨୫ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ଓଡ଼ିଶା ସରକାର ଷଷ୍ଠ ବେତନ କମିଶନ ୫.୧୦ ଓ ୧୫ ପ୍ରତିଶତ ଘର ଭଡା ଦେଇ ଆସୁଛି। ଓଡିଶା ସରକାରୀ କର୍ମଚାରୀ ସଂଘ ପକ୍ଷରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କେବଳ ପ୍ରତିଶ୍ରୁତି ମିଳୁଛି। ଚଳିତ ମୌସୁମୀ ଅଧିବେଶନରେ ଗତ ଜାନୁୟାରୀର ମହଙ୍ଗା ଭତ୍ତା ସହିତ ଘର ଭଡା ଭତ୍ତା ଘୋଷଣା କରିବାକୁ ରାଜ୍ୟ ପ୍ରାଥମିକ ସଙ୍ଘ (ଏକ୍ସ କ୍ୟାଡ଼ର) ରାଜ୍ୟ ସଭାପତି ଅଲେଖ ସାହୁ, ସାଧାରଣ ସମ୍ପାଦକ ମହାଦେବ ସେଠି, କାର୍ଯ୍ୟକାରୀ ସଭାପତି ଆଲୋକ ରାଏ ଓ ମହାସଚିବ ଅନିୟ ବରାଳ ପ୍ରମୁଖ ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି।

# ବସୁଧା ଯୋଜନା ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ୍ ତାର ଚୋରି

**ଗୋଲାମୁଣ୍ଡା,୨୪।୭(ଡି.ଏନ.ଏ.)**

**କେଗାଁ, ସାନଚେରଗାଁକୁ ପାନୀୟ ଜଳ ଯୋଗାଣ ବନ୍ଦ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁସ୍ଥିତ ବସୁଧା ଯୋଜନା ପାନୀୟ ଜଳ ପ୍ରକଳ୍ପରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ପୁଣି ବିଦ୍ୟୁତ୍ ତାର ଚୋରି କରିଛନ୍ତି। ଫଳରେ ରବିବାର କେଗାଁ ଓ ସାନଚରେଗାଁକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପ୍ରାୟ ୨ ଶହ ମିଟର ତାର ଚୋରି କରି ପ୍ରକଳ୍ପର ୫ ଶହ ମିଟର ତଳେ ଉଦନ୍ତୀ ନଦୀ କୂଳରେ ଏହି ତାର ମଧ୍ୟରେ ଥିବା ତମ୍ବା ଅଂଶକୁ ନେଇଯାଇଥିବା ବେଳେ ପ୍ଲାଷ୍ଟିକ ଖୋଳକୁ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୩ ତାରିଖରେ ଏହି ପାନୀୟ ଜଳ ପ୍ରକଳ୍ପରୁ ବିଦ୍ୟୁତ୍ ତାର ଚୋରି ହୋଇଥିଲା। ଗତ ୨୦ ତାରିଖ ରାତିରେ ଗୋଲାମୁଣ୍ଡା ଥାନା ଅଧୀନ ମାନଝରି ଗ୍ରାମ ନିକଟସ୍ଥ ଉଦନ୍ତୀ ନଦୀ କୂଳରେ ଥିବା ବସୁଧା ଯୋଜନା ପାନୀୟ ଜଳ ପକଳ୍ପରୁ ବିଦ୍ୟୁତ୍ ତାର ଚୋରି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଗୋଲାମୁଣ୍ଡା ଓ ମାନଝରି ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଗତ କିଛି ମାସ ହେବ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ଚୋରି ଡକାୟତି ବୃଦ୍ଧି ପାଇଛି। ଏଥିପାଇଁ ସ୍ଥାନୀୟ ପୋଲିସ କାର୍ଯ୍ୟକୁ ନେଇ ବ୍ଲକ ଅଧକ୍ଷ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ୧୦ ଦିନ ମଧ୍ୟରେ ଏହି ଚୋରଙ୍କୁ ପୋଲିସ ଧରି ନ ପାରିଲେ କେଗାଁ ଓ ଗୋଲାମୁଣ୍ଡା ଥାନା ସମ୍ମୁଖରେ ସମସ୍ତ ଆମେ ଜନ ପ୍ରତିନିଧିମାନେ ଧାରଣା ଦେବାକୁ ବାଧ ହେବୁ ବୋଲି ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ପ୍ରକାଶ କରିଛନ୍ତି।

# କଂଗ୍ରେସରେ ଯୋଗଦେଲେ ଶତାଧିକ ବିଜେଡି କର୍ମୀ

**ଲାଞ୍ଜିଗଡ଼,୨୪।୭(ଡି.ଏନ.ଏ.)**



ମିଶ୍ରଣ ପର୍ବରେ ଅତିଥିଙ୍କ ସହ ଅନ୍ୟ ଦଳରୁ ଯୋଗଦେଇଥିବା କର୍ମୀମାନେ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବସନ୍ତପଡା ପଞ୍ଚାୟତରେ ରବିବାର କଂଗ୍ରେସର ମିଶ୍ରଣ ପର୍ବରେ ଶତାଧିକ ବିଜେଡି କର୍ମୀ ଯୋଗଦେଇଛନ୍ତି। କଂଗ୍ରେସର ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବରେ ଲାଞ୍ଜିଗଡ ବ୍ଲକର ୫ଟି ପଞ୍ଚାୟତ ଛତ୍ରପୁର, ବିଜେପୁର, କମର୍ଦ୍ଧା, ମାଲିଯୁବାଙ୍ଗ ଓ ଲାଖବାହଲିର ୧୨୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ଶତାଧିକ କର୍ମୀ ଯୋଗଦେବା ପରେ ଲାଞ୍ଜିଗଡ କଂଗ୍ରେସ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଜିଲା କଂଗ୍ରେସ ସଭାପତି ଭାରତ ଭୁଷଣ ବେମାଲ ଓ ଜିଲା ଉପସଭାପତି ପରମାନନ୍ଦ ମାଝିଙ୍କ ଉପସ୍ଥିତିରେ ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ମିଶିଥିଲେ। କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସର ସମସ୍ତ କର୍ମୀ ଏକଜୁଟ ହେବାର ଆବଶ୍ୟକତା ରହିଛି। ଆଗାମୀ ୨୦୨୪ ନିର୍ବାଚନରେ କିଭଳି ବିପୁଳ ଭୋଟରେ ଆମ ପ୍ରାର୍ଥି ବିଜୟ ଲାଭ କରିବ ସେ ନେଇ ଅଞ୍ଚଳର ବିକାଶ ଦିଗରେ କାମ କରିବାର ଆବଶ୍ୟକତା ଅଛି ବୋଲି କଂଗ୍ରେସ ଜିଲା ସଭାପତି ଭାରତ ଭୁଷଣ ବେମାଲ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ହରିହର କୁମାରଙ୍କ ଅଧକ୍ଷତାରେ ବରିଷ୍ଠ ଯୁବନେତା ତଥା ବସନ୍ତପଡା ସରପଞ୍ଚ ଚାଙ୍ଗେର ମାଝି, ରାଜେନ୍ଦ୍ର ମାଲି, ଗୋପାଳଦାସ ମହାନନ୍ଦ, ବିଜୟ ନାଏକଙ୍କ ତତ୍ତ୍ୱାବଧାନରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ମିଶ୍ରଣପର୍ବରେ ବିଭୁତି ଭୁଷଣ କୁମାର, ଦିବା କାଣ୍ଡବିନ୍ଧା, ମଧୁସୁଦନ ଦଣ୍ଡସେନା, ସାନ୍ଦୁ ମାଝି, ଭୁବନ ମାଝି, ରାମକୃଷ୍ଣ ନାଏକ, ବିପିନ ନାଏକ ପ୍ରମୁଖ ଯୋଗଦେଇଥିବା ବେଳେ ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ।

**ଦେଶୀ, ବିଦେଶୀ ମଦ ଜବତ**

ଡୁଙ୍ଗୁରିପାଲି,(ଡ.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହଲା ଛକ ନିକଟରୁ ରବିବାର ରନ୍ଧା ଦେଶୀ ମଦ ଓ ବିଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ଚଢ଼ାଉ ବେଳେ ଅକ୍ଷୟ ଭୋଇଙ୍କଠାରୁ ୧୨ଲିଟର ଦେଶୀ ରନ୍ଧା ମଦ ଓ ଶ୍ରୀକାନ୍ତ ସାହୁଙ୍କଠାରୁ ୧୨ ଲିଟର ବିୟର ଓ ୧,୮୦୦ଲିଟର ବିଦେଶୀ ମଦ ଜବତ କରାଯାଇଛି। ଚଢ଼ାଉରେ ମୋବାଇଲ ଟିମ୍ ଏସଆଇ କେଶବ ଧରୁଆ,ଏସଆଇ କାର୍ତ୍ତିକ ନାଏକ, ଭେଙ୍କେଟ ରମଣ ବେହେରା, ଗଣେଶ ଭୁଏ, ମମତା ବାଗ, ଉରଭି ମାଝି ପ୍ରମୁଖ ସାମିଲ ଥିଲେ।



## ସଂକ୍ଷେପରେ

### ସିବିଏସ୍ଇ ଦଶମ ପରୀକ୍ଷାଫଳ: କୋଶଲ ସ୍କୁଲର ସଫଳତା



ସ୍କୁଲ ଟପ୍ପର ରଜତ ନାୟକ।

**ସରଣ୍ଡା,୨୪।୭(ଡି.ଏନ.ଏ):** ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାଫଳରେ ବରଗଡ଼ ଜିଲା ଅତାବିରା ବ୍ଲକ ନୂଆ ଖଇରପାଲି ସ୍ଥିତ କୋଶଲ ସ୍କୁଲର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି । ସ୍କୁଲର ଶତ ପ୍ରତିଶତ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୮ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି କୃତକାର୍ଯ୍ୟ ହୋଇଥିବାବେଳେ ରଜତ ନାୟକ ସର୍ବାଧିକ ୯୬ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି । ସ୍କୁଲର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ, ଅଧ୍ୟକ୍ଷ ରବିନ୍ଦ୍ରନାଥ ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଫୁଟବଲ: ବାଞ୍ଜେନବାହାଲ ଚାମ୍ପିୟନ

**ବରଗଡ଼ ଅଫିସ୍,୨୪।୭:** ବରଗଡ଼ ବ୍ଲକ ଅନ୍ତର୍ଗତ ନୂଆ ଗୁଡ଼େଶିରା ପଡ଼ିଆରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ରେଙ୍ଗାଲପାଲି, ବାଞ୍ଜେନବାହାଲ, ବିଶିପାଲି, ଗୁଡ଼େଶିରା ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ବାଞ୍ଜେନବାହାଲ ଚାମ୍ପିୟନ ହୋଇଥିଲା। ଭାଜପା ଯୁବମୋର୍ଚ୍ଚା ଜିଲା ସମ୍ପାଦକ ଘନଶ୍ୟାମ ସାହୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦଯାପନୀ ସମାରୋହରେ ବଦାନ୍ୟ ବନ୍ଧୁ ଅନୁଷ୍ଠାନର ମୁଖ୍ୟ ସୁବ୍ରତ ବିର୍ତ୍ତିଆ ମୁଖ୍ୟ ଅତିଥି, ଭାଜପା ଯୁବମୋର୍ଚ୍ଚ ଜିଲା ସଭାପତି ଅମିତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରୋହିତ ଭୋଇ, ତରଣୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦ୍ରୌପଦୀ ମୁର୍ମୁଙ୍କ ବିଜୟ୍ ଉତ୍ସବ ପାଳନ

**ଜାମଟିକ୍ରା,୨୪।୭(ଡି.ଏନ.ଏ.):** ଓଡ଼ିଶା ମାଟିର ଗର୍ବ ଓ ଗୌରବ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବାରୁ ବରଗଡ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀର ପାହାଡଶ୍ରୀଗିଡା ଖ୍ରୀଷ୍ଟିୟାନ ପଡାରେ ରବିବାର ବିଜୟ୍ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଭାଜପା ଜିଲା ସାଧାରଣ ସମ୍ପାଦକ କୁଶ କୁମାର ମୁଖ୍ୟ ଅତିଥି, କୁଲୁଣ୍ଡା ମଣ୍ଡଳ ସଭାପତି ଦୀପକ କୁମାର ପଧାନ, ବିରେନ୍ଦ୍ର ନାରାୟଣ ହୋତା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜେଶ ହର, ଉଇଲିୟମ ସାମଦ, ଛିନୁ ବାର୍ଲା, ଆମୁସ ବାବା, ଅଧିକାରୀ ଚାଉରିଆ, ମାସଧାନି ବାରୁ, ଇଲିସାବା ମୁର୍ମୁ, ପାଉଲିନା ମୁର୍ମୁ, ନିରୋଜ ବାରିକଙ୍କ ସମେତ ପଡାର ଶତାଧିକ ଭଉଣୀ ଭାଇ ଉପସ୍ଥିତ ଥିଲେ। ସମସ୍ତେ ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

# ମହାନଦୀରେ ବ୍ୟାରେଜ ନିର୍ମାଣ କରାଯାଉ

## ବୌଦ୍ଧରେ ଭାଜପାର ଚତୁର୍ଥ କାର୍ଯ୍ୟକାରିଣୀ ବୈଠକରେ ଦାବି

**ବୌଦ୍ଧ,୨୪।୭ (ସ୍ୱ.ପ୍ର.)**



ବୌଦ୍ଧ ଭାଜପାର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ବୌଦ୍ଧ ଜିଲା ଭାଜପାର ଚତୁର୍ଥ ଜିଲା କାର୍ଯ୍ୟକାରିଣୀ ବୈଠକ ବୌଦ୍ଧ ଟାଉନହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୭ଟି ରାଜନୈତିକ ଠିଠା ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହିତ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ପ୍ରାରମ୍ଭରେ ଜିଲା ସଭାପତି ମହାନ୍ତି ଜିଲାରେ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଓ ଦଳୀୟ ସଙ୍ଗଠନ ସ୍ଥିତି ନେଇ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଅତିଥି ଭାବରେ ରାଜ୍ୟ ଭାଜପା ସଙ୍ଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଗ୍ରାମକୁ ଯାଇ ସିଧାସଳଖ ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିବା ସହିତ କେନ୍ଦ୍ରରେ ଭାଜପା କ୍ଷମତାକୁ ଆସିବା ପରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ତାହାର ସଫଳତା ସମ୍ପର୍କରେ ଲୋକଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ। ଜିଲାର ସ୍ୱାସ୍ଥ୍ୟସେବା ଅତନ୍ତ ନିମ୍ନମାନର ହୋଇଥିବାବେଳେ ଜିଲା ଗଠନର ୨୭ବର୍ଷ ପରେ ମଧ୍ୟ ଜିଲାବାସୀ ସ୍ୱାସ୍ଥ୍ୟସେବା ପାଇଁ ପଡ଼ୋଶୀ ଜିଲା ଉପରେ ନିର୍ଭରଶୀଳ ଅଛନ୍ତି। ଜିଲାରେ ନିଯୁକ୍ତିର କୌଣସି ସୁଯୋଗ ନ ଥିବାବେଳେ ବେକାରୀ ସମସ୍ୟା ଉଦ୍‌ବେଗଜନକ ପରିସ୍ଥିତିରେ ପହଞ୍ଚି ସାରିଲାଣି। ଲୋକଙ୍କ ମୌଳିକ ସମସ୍ୟାଗୁଡ଼ିକର ସମାଧାନ ହୋଇପାରୁ ନ ଥିବାରୁ ବୈଠକରେ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଜିଲାର ପ୍ରମୁଖ ଦାବି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତରୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତକୁ ତୁରନ୍ତ ପରିବର୍ତ୍ତନ କରାଯିବା ସହିତ ମହାନଦୀରେ ଦେଖାଦେଇଥିବା ଜଳ ସଙ୍କଟର ସମାଧାନ ପାଇଁ ବ୍ୟାରେଜ ନିର୍ମାଣ କରାଯିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇ ସରକାରଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାବ୍ୟତୀତ ଚାଷୀମାନଙ୍କଠାରୁ ଧାନ କିଣାକୁ ବ୍ୟବସ୍ଥିତ କରାଯିବା ସହିତ ଗମନା ଗମନର ବିକାଶ ଦିଗରେ ମଧ୍ୟ ସରକାର ପଦକ୍ଷେପ ନେବାକୁ ବୈଠକରେ ଗୁରୁତ୍ୱ ପ୍ରକାଶ ପାଇଥିଲା। ଶେଷରେ ଓଡ଼ିଶା ମାଟିର ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭାବରେ ଏନଡିଏ ପକ୍ଷରୁ ମନୋନୀତ କରାଯାଇ ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜିଲା ଭାଜପା ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା। ଏହି ବୈଠକରେ ଅନ୍ୟତମ ଅତିଥି ଭାବରେ କନ୍ଧମାଳ ଲୋକସଭା ପ୍ରଭାରୀ ନିରନ ମିଶ୍ର, ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ସଚ୍ଚିଦାନନ୍ଦ ଦଲାଲ ଓ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମାଗୁଣି ଗାଇଗୌରିଆ, ପ୍ରେମାନନ୍ଦ ମିଶ୍ର, ପ୍ରଦୋଷ କୁମାର ମିଶ୍ର ଓ ତାପସ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ ମୋର୍ଚ୍ଚା ସଭାପତିମାନେ ଯୋଗଦେଇଥିଲେ।

# ଅନାଥ ଶିଶୁଙ୍କ ସହ ଝିଅର ଜନ୍ମଦିନ ପାଳିଲେ ଜିଲାପାଳ



ଅନ୍ତେବାସୀଙ୍କ ଗହଣରେ ଜିଲାପାଳ ଓ ତାଙ୍କ ପରିବାର।

**ସୋନପୁର,୨୪।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ରବିବାର ନିଜ ଝିଅର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସୋନପୁର ଶିଶୁଗୃହରେ ରହୁଥିବା ଅନାଥ ଶିଶୁଙ୍କ ସହ ନିଜ ୩ବର୍ଷର ଝିଅ ଗୁହିଙ୍କ ଜନ୍ମଦିନକୁ ସେ ପାଳନ କରି ଚର୍ଚ୍ଚାକୁ ଆସିଛନ୍ତି। ଏହି ଅବସରରେ ଜିଲାପାଳ ନରୱଣେଙ୍କ ସହ ତାଙ୍କ ସ୍ୱାମୀ ସୁନିଲ ସିଂ, ମାତା ପିତା ଓ ଶାଶୁ ଶ୍ୱଶୁର ସାମିଲ ହୋଇଥିଲେ। ଜିଲାପାଳଙ୍କୁ ନିକଟରେ ପାଇଁ ଅନାଥ ଓ ଅସହାୟ ଶିଶୁ ମାନେ ଖୁସି ଅନୁଭବ କରିଥିଲେ। ଶିଶୁଗୃହରେ ରହୁଥିବା ପ୍ରାୟ ୪୫ଜଣ ଶିଶୁଙ୍କୁ ଜିଲାପାଳ ଏହି ଅବସରରେ ଛତା ଓ ସ୍କୁଲ ବ୍ୟାଗ୍ ପ୍ରଦାନ କରିଥିଲେ। ସେହିପରି ଅନ୍ତେବାସୀଙ୍କ ରାତ୍ରୀଭୋଜନ ପାଇଁ ବ୍ୟବସ୍ଥା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଶିଶୁ ଗୃହ ସୁପରିଣ୍ଟେଣ୍ଡେଣ୍ଟ ମାଳତି ଜେନା ଓ ହାଉସ ମଦର ସୁଜାତା ବେହେରା ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, କିଛି ଦିନ ପୂର୍ବରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶିଶୁଗୃହର ଅନ୍ତେବାସୀଙ୍କୁ ସହରର ଏକ ମଲକୁ ନିଆ ଯାଇ ସେମାନଙ୍କ ପସନ୍ଦର ପୋଷାକ କିଣିବାକୁ ସୁଯୋଗ ଦିଆଯାଇଥିଲା। ଜିଲାପାଳଙ୍କ ଏଭଳି କର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଫେୟାରୱେଦର ରାସ୍ତାରେ ବନ୍ୟାଜଳ

**ବରଗଡ଼ ଅଫିସ୍,୨୪।୭**



ଜିରା ନଦୀ ଫେୟାରୱେଦର ରାସ୍ତାରେ ବନ୍ୟାଜଳ ବହୁଛି।

ବରଗଡ଼-ଅମ୍ବାପାଲିକୁ ସଂଯୋଗ କରୁଥିବା ନୂଆ ଜିରା ପୋଲ ନିର୍ମାଣ କାର୍ଯ୍ୟ ସରି ନାହିଁ। ଅନ୍ୟପଟେ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଲୋକଙ୍କ ଯାତାୟାତ ପାଇଁ ନିର୍ମିତ ଅସ୍ଥାୟୀ ଫେୟାରୱେଦର ରାସ୍ତା ଉପରେ ରବିବାରଠାରୁ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ଫେୟାରୱେଦର ରାସ୍ତା ଭୁଶୁଡ଼ିଯିବା ଆଶଙ୍କା ରହିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଲୋକେ ଚିନ୍ତିତ ହୋଇ ପଡ଼ିଛନ୍ତି। ଗୋଟିଏପଟେ ନୂତନ ଜିରା ପୋଲ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାବେଳେ ଅନ୍ୟପଟେ ଫେୟାରୱେଦର ରାସ୍ତା ଭୁଶୁଡ଼ି ଗଲେ ଅନେକ ଲୋକ ପ୍ରଭାବିତ ହେବେ। ଫଳରେ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଚେଜିବାରେ ଲାଗିଛି।

ବ୍ରିଟିଶ ଅମଳରୁ ରହିଥିବା ଜିରା ନଦୀ ପୋଲ ଉପରେ ଲୋକେ ନିର୍ଭର କରି ଆସୁଥିଲେ। ମାତ୍ର ତାହା ଦୁର୍ବଳ ହୋଇପଡ଼ିବାରୁ ତାକୁ ଭାଙ୍ଗି ଦିଆଯାଇଥିଲା ଏବଂ ୨୦୧୮ରୁ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ନୂତନ ପୋଲ ନିର୍ମାଣ କାର୍ଯ୍ୟ ସରି ନଥିବାବେଳେ ଲୋକଙ୍କ ଯାତାୟାତ ପାଇଁ ସେଠାରେ ଫେୟାରୱେଦର ରାସ୍ତା ନିର୍ମାଣ କରାଯାଇଛି। ମାତ୍ର ବର୍ଷାଦିନେ ଥରକୁ ଥର ଫେୟାରୱେଦର ରାସ୍ତା ବନ୍ୟାଜଳରେ ଭୁଶୁଡ଼ିଥାଏ ଏବଂ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅମ୍ବାପାଲି ଅଞ୍ଚଳର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଦୋକାନୀ, ବ୍ୟବସାୟୀ, ଚାକିରିଆ ଏବଂ ସାଧାରଣ ଜନତା ୪କି.ମି ବୁଲି ହଳଦୀପାଲି ଛକ ଦେଇ ବରଗଡ଼ ସହରକୁ ଆସିଥାନ୍ତି। ସେହିପରି ବରଗଡ଼ ସହରରୁ ଅମ୍ବାପାଲିକୁ ଯିବାକୁ ହେଲେ ସେଭଳି ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଏହାକୁ ନେଇ ଅଞ୍ଚଳରେ ଆନ୍ଦୋଳନ ମୁଣ୍ଡ ଟେକିବାରେ ଲାଗିଛି।

## ମୁହୁରୀ ଉତ୍ସବରେ ପଦ୍ମପୁର ସହର ମୁଖରିତ

**ପଦ୍ମପୁର,୨୪।୭(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ରାଜାଜୀ ଟାଉନ ହଲଠାରେ ସଙ୍ଗୀତ ସମିତି ପକ୍ଷରୁ ପ୍ରଥମ ବୋଡାସମ୍ବର ମୁହୁରୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗ୍ରାମାଞ୍ଚଳରୁ ଆସିଥିବା ମୁହୁରୀ ବାଦ୍ୟ କଳାକାର ଓ ସାଥୀମାନେ ବନ ଦୁର୍ଗାମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ଟାଉନ ହଲକୁ ଯାଇଥିଲେ। ଗଣ୍ଡା ବାଜାର ତାଳେ ତାଳେ ମୁହୁରୀର ସ୍ୱରରେ ସହର ମୁଖରିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଭାରେ ନାଟ୍ୟ ନିର୍ଦ୍ଦେଶକ ପ୍ରଫେସର କେଶରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି, ଏନ୍ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ନିରୋଜ ଦୋରା, ଅବସରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁମରମଣି ନାୟକ, ନାଟ୍ୟ ନିର୍ଦ୍ଦେଶକ ଅଶୋକ ବହିଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଙ୍ଗୀତ ସମିତି ସଭାପତି ରାଜେଶ ଗୁର୍ଲା ସ୍ୱାଗତ ଭାଷଣ ଏବଂ ରମେଶ ଗୁର୍ଲା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବରିଷ୍ଠ ଓ କନିଷ୍ଠ କଳାକାରଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସୌମାର୍କ୍ୟ ପଟ୍ଟନାୟକ, ଗୋପବନ୍ଧୁ ଶିକା, ବିଶ୍ରାମ ମେହେର, ଅଶ୍ୱିନୀ ପଟେଲ, ରାଜକୁମାର ସାହୁ, ଗିରିଧାରୀ ସାହୁ, ସୁଦାମ ମହାନନ୍ଦ, ଅଞ୍ଜଳି ପରିଡା ପ୍ରମୁଖ ସହଯୋଗ କରିଥିଲେ। ଗୋବର୍ଦ୍ଧନ ଛତର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱେଚ୍ଛାସେବୀ କଲେ ବୃକ୍ଷରୋପଣ




ଦେଓଗାଁରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ।

**ବରଗଡ଼ ଅଫିସ୍/ଜାମଟିକ୍ରା,୨୪।୭**

ବରଗଡ଼ ଜିଲା ଦେଓଗାଁ ପଞ୍ଚାୟତ ଅଫିସ ସମ୍ମୁଖ ନୂତନ ବନ୍ଧର ଚତୁଃପାର୍ଶ୍ୱସ୍ଥ ଖୋଲା ଜାଗାରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ପ୍ରେରଣା ଶିକ୍ଷା ଓ ସାମାଜିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମାଜସେବୀ ପୁଲସ୍ତୀ ପ୍ରଧାନ, ଆଡ଼ଭୋକେଟ୍ କିରଣ କୁମାର ମିଶ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଚଣ୍ଡୀପାଲି ଗ୍ରାମର ଜୟଚଣ୍ଡୀ ଯୁବକ ସଂଘ, ସରପଞ୍ଚ ଅହଲ୍ୟା ପ୍ରଧାନ, ଡା. ନମିତା ମିଶ୍ର, କିଶୋରୀ ଦାଶ, ଶିକ୍ଷକ ପ୍ରଶାନ୍ତ ପ୍ରଧାନ, ସନ୍ତୋଷ କୁମାର, ପ୍ରହଲ୍ଲାଦ ଭେସ୍ରା, ରାଧେଶ୍ୟାମ ଭେସ୍ରା, ଶ୍ୟାମସୁନ୍ଦର ଦାଶ, ପରେଶ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଟ୍ରଷ୍ଟର ସଭାପତି ସଞ୍ଜିତ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଅତାବିରା ବ୍ଲକ ଢ଼େମସା ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶ୍ରବଣ କୁମାର ପରିଚ୍ଛା, ପଞ୍ଚାନନ ତ୍ରିପାଠୀ, ତୋଷ ଧର, ରମେଶ ମିର୍ଦ୍ଧା, କୃଷ୍ଣଚନ୍ଦ୍ର ପରିଚ୍ଛା, ମନୋଜ ନାଥ, ଶଙ୍କର ଭୁଏ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଆମ୍ବ, ନିମ୍ବ, ଶାଗୁଆନ, କୃଷ୍ଣଚୂଡ଼ା ଆଦି ଚାରା ରୋପଣ କରାଯାଇଥିଲା। ଫରେଷ୍ଟର ଲୋକେଶ୍ୱର ଭୋଇ, ଗିରିରାଜ କୁମାର, ରୋହିତ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବର ସ୍ଥାପନା ସମାରୋହ

**ବରଗଡ଼ ଅଫିସ୍,୨୪।୭**




ରୋଟାରୀ କ୍ଲବ, ବରଗଡ଼ ସେଣ୍ଟ୍ରାଲର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଶନିବାର ରୋଟାରୀ କ୍ଲବ, ବରଗଡ଼ ସେଣ୍ଟ୍ରାଲର ସ୍ଥାପନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ କଳାମନ୍ଦିର ଜ୍ୱେଲର୍ସର ରୋଟାରିଆନ ଅମିତ ଅଗ୍ରୱାଲ ୨୦୨୨-୨୩ ବର୍ଷ ପାଇଁ କ୍ଲବର ନୂତନ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ରୋଟାରିଆନ ରବି ମିତ୍ତଲ ସମ୍ପାଦକ ଭାବେ ଦାୟିତ୍ୱ ନେଇଥିଲେ। ପୂର୍ବତନ ଜିଲା ଗଭର୍ଣ୍ଣର ଡଃ ଅଶୋକ ସିଂ (ସମ୍ବଲପୁର) ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋଟାରୀ କ୍ଲବ ସାରା ବିଶ୍ୱରେ କରୁଥିବା ସେବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମାରୋହରେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ସଞ୍ଜୀବ ଅଗ୍ରୱାଲ ମଧ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ସନ୍ଦୀପ ସାୱଡ଼ିଆ, ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ତଥା ରୋଟାରିଆନ ସୁମନ ସାୱଡ଼ିଆ, କ୍ଲବର ପୂର୍ବତନ ସଭାପତି ରୋହିତ ପିପଲାନୀ ପ୍ରମୁଖ ସମାରୋହରେ ଉପସ୍ଥିତ ଥିଲେ ।

# ଶିଶୁଙ୍କ ମୃତଦେହ ରଖି ରାସ୍ତା ଅବରୋଧ

**ବରଗଡ଼ ଅଫିସ୍,୨୪।୭**

ବରଗଡ଼ ମୁଖ୍ୟ କେନାଲରୁ ଶନିବାର ସୟାଁ ଗ୍ରାମର ଶିଶୁ ସୁବ୍ରତ ସାହୁ(୧୧)ଙ୍କ ମୃତଦେହ ମିଳିବା ଘଟଣାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। କେଉଁ ପରିସ୍ଥିତିରେ ଶିଶୁର ମୃତ୍ୟୁ ହୋଇଛି, ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ହତ୍ୟା ସନ୍ଦେହ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଫଳରେ ଏହାର ବିଧିବଦ୍ଧ ତଦନ୍ତ ସହିତ ମୃତ ଶିଶୁଙ୍କ ପରିବାର ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବି ନେଇ ରବିବାର ଗ୍ରାମବାସୀ ଶିଶୁର ମୃତଦେହ ରଖି ସୟାଁ ଛକରେ ବରଗଡ଼-ସୋହେଲା ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳକୁ ସଦର ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରାଯାଉଛି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀମାନେ ରାସ୍ତାରୁ ହଟିଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଶିଶୁ ଘରୁ ବାହାରକୁ ଖେଳିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଏବଂ ଗ୍ରାମବାସୀ ଖୋଜାଖୋଜି କରିବା ସତ୍ତ୍ୱେ ରାତି ସୁଦ୍ଧା ଶିଶୁଙ୍କ ଖୋଜ୍ ଖବର ମିଳି ନ ଥିଲା। ଶନିବାର ଅପରାହ୍ନ ପ୍ରାୟ ୨ଟାରେ ବରଗଡ଼ କେନାଲରେ ଶିଶୁଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଘରକୁ ନିଆଯିବା ବାଟରେ ଲୋକେ ରାସ୍ତାରୋକୋ କରିଥିଲେ।



ସୟାଁ ଛକରେ ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଫୁଟବଲ ଟୁର୍ନାମେଣ୍ଟ: ଜଟେସିଙ୍ଘା ପଞ୍ଚାୟତ ଚାମ୍ପିୟନ

**ଅମରପାଲି,୨୪।୭(ଡି.ଏନ.ଏ.)**



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚମ୍ପାମାଳ ପଞ୍ଚାୟତକୁ ହରାଇ ଜଟେସିଙ୍ଘା ପଞ୍ଚାୟତ ଚାମ୍ପିୟନ ହୋଇଛି। ବୀରମହାରାଜପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟରେ ବ୍ଲକର ୧୫ଟି ପଞ୍ଚାୟତ ସହିତ ବ୍ଲକ ଅଫିସିଆଲ ଟିମ ଅଂଶଗ୍ରହଣ କରିଥିଲେ।

ରବିବାର ପ୍ରଥମ କ୍ୱାର୍ଟର ଫାଇନାଲରେ ମୁର୍ଛୁଣ୍ଡୀକୁ ହରାଇ ହିଲୁଙ୍ଗ ପଞ୍ଚାୟତ ସେମିରେ ପ୍ରବେଶ କରିଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବାଗବରକୁ ହାରାଇ ଚମ୍ପାମାଳ ପଞ୍ଚାୟତ ସେମିରେ ପ୍ରବେଶ କରିଥିଲା। ତୃତୀୟ କ୍ୱାର୍ଟରେ ସୁବଳୟାକୁ ହରାଇ ଜଟେସିଙ୍ଘା ପଞ୍ଚାୟତ ଏବଂ ଚତୁର୍ଥ କ୍ୱାର୍ଟରରେ ସଂଗ୍ରାମପୁରକୁ ହରାଇ ଦୁର୍ଜନତୈଲା ପଞ୍ଚାୟତ ସେମିରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ହିଲୁଙ୍ଗ ପଞ୍ଚାୟତକୁ ହରାଇ ଚମ୍ପାମାଳ ପଞ୍ଚାୟତ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମି ଫାଇନାଲରେ ଦୁର୍ଜନତୈଲାକୁ ହରାଇ ଜଟେସିଙ୍ଘା ପଞ୍ଚାୟତ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ ଜଟେସିଙ୍ଘା ଓ ଚମ୍ପାମାଳ ପଞ୍ଚାୟତ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ଫଳରେ ପେନାଲଟିକ ସୁଟ୍ ଆଉଟରେ ଜଟେସିଙ୍ଘା ପଞ୍ଚାୟତ ଚମ୍ପାମାଳକୁ ୪-୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବିଡିଓ ମୋତିଲାଲ ସୁଲିଆ,ଏବିଡିଓ ପୁରୁଷୋତ୍ତମ ଧରୁଆ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ଲୁଟୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ , ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କୃତିବାସ ମିଶ୍ର, ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, ଲକ୍ଷ୍ମିନାରାୟଣ ପୁରୋହିତ, ରୀତା ଗର୍ଡିଆ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରବିବାର ଟୁର୍ନାମେଣ୍ଟ ପ୍ରାରମ୍ଭରେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଦଳକୁ ନଗଦ ୬ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ଦଳକୁ ନଗଦ ୪ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚଗୁଡିକରେ ଅଜିତ ନାଏକ, ସିଦ୍ଧାର୍ଥ ପାତ୍ର, ସୁଦାମ ଜଗଦଲା ଓ ମଙ୍ଗଳ ସେଠୀ ରେଫରୀ ଭାବେ ଖେଳ ପରିଚାଳନାକରିଥିଲେ। ଅବିମନ୍ୟୁ ଜଗଦଲା ଓ ଲକ୍ଷ୍ମୀ ନାରାୟଣ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୫ ଜୁଲାଇ, ୨୦୨୨

## ନାବାଳିକା ଅପହରଣ ଅଭିଯୋଗ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅଞ୍ଚଳର ଜଣେ ୧୪ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ କମିରା ଗ୍ରାମର କମଳ ମୁଦୁଲି ଉକ୍ତ ନାବାଳିକାଙ୍କୁ ଅପହରଣ କରି ଫେରାର ହୋଇଯାଇଥିବା ଏତଲାରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ସୁବଳୟା ଥାନା ପୋଲିସ ଏକ ଅପହରଣ ମାମଲା(୯୨/୨୨)ରୁଜୁ କରି ତଦନ୍ତ ଚଳାଇଥିବା ଏସଆଇ ଦୀପ୍ତିରଞ୍ଜନ ଦିଗାଲ କହିଛନ୍ତି।



## ସଂକ୍ଷେପରେ

### ବାଇକ ସହ ଗଞ୍ଜେଇ ଜବତ, ଜଣେ ଗିରଫ

**ଅମରପାଲି,୨୪।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଡୁଲେଶ୍ୱର ଛକରୁ ଶନିବାର ବିଳମ୍ବିତ ରାତିରେ ଗଞ୍ଜେଇ ଚୋରାଚାଲାଣ ବେଳେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ବୌଦ୍ଧ ଟାଉନ ଥାନା ଅନ୍ତର୍ଗତ କାଶଲପୁର ଗ୍ରାମର ଆଦିକନ୍ଦ ଦାଶ(୪୦)ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁସାରେ ବିଳମ୍ବିତ ରାତିରେ ଯୁବକ ଜଣକ ଓଡି ୧୫ଏସ ୩୩୨୨ ନମ୍ବର ବିଶିଷ୍ଟ ବାଇକରେ ୪.୯୦୦କିଲୋଗ୍ରାମର ଗଞ୍ଜେଇ ଧରି ବୌଦ୍ଧ ପଟରୁ ବୀରମହାରାଜପୁର ଆଡକୁ ଆସୁଥିଲେ। ସେହି ସମୟରେ ସୁବଳୟା ଥାନା ଏସଆଇ ଦୀପ୍ତି ରଞ୍ଜନ ଦିଗାଲଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିଲେ। ଆଦିକନ୍ଦଙ୍କୁ ସନ୍ଦେହରେ ତଲାସୀ କରିବାରୁ ଉକ୍ତ ଗଞ୍ଜେଇ ଜବତ ହୋଇଥିଲା। ଏନେଇ ସୁବଳୟା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ରଥପୁର ଓଏଭିଏସର ପ୍ରୀତମ ସାହୁ ଜିଲା ଟପ୍ପର


ପ୍ରୀତମ ସାହୁ।

**ଅମରପାଲି,୨୪।୭(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ରଥପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରିତମ ସାହୁ ସିବିଏସଇ ଦଶମ ପରୀକ୍ଷାରେ ୯୮ପ୍ରତିଶତ ନମ୍ବର ରଖି ସୁବର୍ଣ୍ଣପୁର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ସର୍ବମୋଟ ୫୦୦ନମ୍ବର ରୁ ୪୯୦ନମ୍ବର ରଖିଛନ୍ତି। ସେ ଦିନକୁ ୧୪ଘଣ୍ଟା ପରିଶ୍ରମ କରୁଥିବା ବେଳେ ତାଙ୍କ ସଫଳତାର ଶ୍ରେୟ ତାଙ୍କ ବାପା, ମା, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଦେଇଛନ୍ତି। ସେ ଭବିଷ୍ୟତରେ ଜଣେ ଡାକ୍ତର ହେବାର ଲକ୍ଷ୍ୟ ରଖିଛନ୍ତି। ପ୍ରିତମ ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବଡବାହାଲ ପଞ୍ଚାୟତ ଅନ୍ତର୍ଗତ ଲଡୁବାହାଲ ଗ୍ରାମର। ବୀରମହାରାଜପୁର ବ୍ଲକରେ ଓଏଭିଏସ ରଥପୁରରୁ ୫୩ଜଣ ପରୀକ୍ଷା ଦେଇଥିବା ବେଳେ ୧୩ଜଣ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ୧୪ଜଣ ୮୦ରୁ ୯୦ ପ୍ରତିଶତ ଓ ୧୨ଜଣ ୬୦ରୁ ୭୦ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶରେ ଉକ୍ତ ସ୍କୁଲରୁ ୩୫ଜଣ ପରୀକ୍ଷା ଦେଇଥିବା ବେଳେ ୨୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

### ଅରବିନ୍ଦ ଜୟନ୍ତୀ ପାଳିତ

**ଉଲୁଣ୍ଡା,୨୪।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଜାଲୋଏ ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରଠାରେ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଅତିମାନସ ଚେତନା ଜାଗାରଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ଅଧକ୍ଷ ମହାଦେବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ସ୍ଥାନୀୟ ସରପଞ୍ଚ ନିବେଦିତା ମିଶ୍ର ସବୁଜ ପତାକା ଦେଖାଇ ଅତିମାନସ ଚେତନା ଜାଗରଣ ଯାତ୍ରା ରଥର ଶୁଭାରମ୍ଭ କରିଥିଲେ। ଏହି ଜାଗରଣ ଯାତ୍ରା ରଥ ଜାଲୋଏରୁ ବାହାରି ବ୍ଲକର ୧୭ ପଞ୍ଚାୟତରେ ପରିକ୍ରମା କରିଛି। ଏହି କାର୍ଯ୍ୟକ୍ରମକୁ ଅରବିନ୍ଦ ପାଠଚକ୍ର ସଂଗଠନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଜନ୍ମାଷ୍ଟମୀ, ନନ୍ଦୋତ୍ସବ ପାଇଁ ପ୍ରସ୍ତୁତି

**ବରପାଲି,୨୪।୭(ଡି.ଏନ.ଏ.):** ବରପାଲି ସ୍ଥିତ ଜୟ ଗୋପାଳ କଲ୍ୟାଣ ମଣ୍ଡପରେ ବ୍ଲକ ଯାଦବ ସମାଜ ପକ୍ଷରୁ ସଭାପତି ମନଫୁଲ ଭୋଇଙ୍କ ସଭାପତିତ୍ୱରେ ଆଗାମୀ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କମିଟି ଗଠନ କରାଯାଇଛି। କୁଞ୍ଜବିହାରି ରାଉତ ନନ୍ଦ ରାଜା ଓ ପତ୍ନୀ ରୁକୁଣୀ ରାଉତ ଯଶୋଦା ଏବଂ ଧୀରେନ୍ଦ୍ର କୁମାର ଭୋଇ ବସୁଦେବ ଓ ପତ୍ନୀ ସଂଯୁକ୍ତା ଭୋଇଙ୍କୁ ଦେବକୀ ଭାବେ ଚୟନ କରାଯାଇଛି। ଏଥିରେ ଖାଡ଼ିଆ ବଗର୍ତ୍ତି, ନିକୁଞ୍ଜ ଷଣ୍ଢ, ବିହାରୀ ପୋଡ଼, ଆନନ୍ଦ କାଣ୍ଡ, ବୁଲୁ ଷଣ୍ଢ, ଗୋବିନ୍ଦ ଜୁଆଡି, ଅକ୍ଷୟ ଭୋଇ, ଆନନ୍ଦ ଜୁଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ପାଳନ କରାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି। ଶେଷରେ ଘନେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଆବଶ୍ୟକଠାରୁ କମ୍ ବର୍ଷା, ଆଗଉନି ଚାଷ

**ଅମରପାଲି,୨୪।୭(ଡି.ଏନ.ଏ.)**


ବିହୁଡା ହୋଇ ନ ଥିବା ଅମରପାଲି ଗ୍ରାମ ସମୀପ ଚାଷ ଜମି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଆବଶ୍ୟକତାଠାରୁ କମ୍‌ବର୍ଷା ହୋଇଛି। ଫଳରେ ଏବେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଚଳିତ ଖରିଫ ଫସଲ କିପରି ହେବ ଆଶା ଆଶଙ୍କାରେ ଅଛନ୍ତି ଅଞ୍ଚଳର ଚାଷୀ।

ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ଏହାକୁ ନେଇ ଚାଷୀମାନେ ଉତ୍ସାହିତ ହୋଇଥିଲେ। ହେଲେ ଜୁନ ମାସରେ ଆଶାନୁରୂପ ବର୍ଷା ହେଲାନାହିଁ। କେବଳ ଲଘୁଚାପ ବର୍ଷା କେତେକ ସ୍ଥାନରେ ହୋଇଥିଲା। ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ବିଶେଷ କରି ଅଣଜଳସେଚିତ ଅଞ୍ଚଳରେ ଚାଷ ଆରମ୍ଭ ହୋଇଥିଲା। ହେଲେ ଚାଷକାର୍ଯ୍ୟରେ ସ୍ୱଳ୍ପବର୍ଷା ବାଧା ସୃଷ୍ଟି କରିଥିଲା। ଜୁଲାଇ ପ୍ରଥମ ସପ୍ତାହରେ କେତେକ ସ୍ଥାନରେ ଭଲ ବୃଷ୍ଟିପାତ ହୋଇଥିଲା। ଏହାକୁ ଭରସା କରି ଚାଷୀ ଖରିଫ ଚାଷ ପାଇଁ ଅଣ୍ଟା ଭିଡିଥିଲା। ଜୁଲାଇ ଏବେ ସରିବାକୁ ବସିଥିଲେ ବି ଠିକ୍‌ରେ ବର୍ଷା ହେଲାନାହିଁ। ବୀରମହାରାଜପୁର ଏକ ଅଣଜଳ ସେଚିତ ଅଞ୍ଚଳ। ବ୍ଲକର ଉପାନ୍ତ ଦୁର୍ଜନତୈଲୋ ପଞ୍ଚାୟତର ଠେଙ୍ଗୋ ଡ୍ୟାମରେ ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ ଅଛି। ମାତ୍ର ଏଠାରୁ ବୀରମହାରାଜପୁର ବ୍ଲକ ଅଞ୍ଚଳର ବହୁତ କମ୍ ଜମିକୁ ପାଣି ମାଡୁଛି। ବୀରମହାରାଜପୁରର

**ବୀରମହାରାଜପୁର ବ୍ଲକ**

ତଳମୁଣ୍ଡକୁ ପ୍ରକଳ୍ପ ପାଣି ଯାଇ ପାରୁନାହିଁ। ଚାଷୀ ଜଳକର ଦେଉଥିଲେ ମଧ ଚାଷ ପାଇଁ ପାଣି ପାଉ ନ ଥିବା ପ୍ରାୟ ସମୟରେ ଅଭିଯୋଗ ହୋଇଥାଏ। ଅଞ୍ଚଳର ବହଳପଦର, ଲୁଡୁରପଙ୍କ, କେନଝିରିଆପାଲି, ଖଣ୍ଡହତା, ମୁର୍ଷୁଣ୍ଡି, ବାଗବର, ହିଲୁଙ୍ଗ,ଉଫୁଲା, ସୁବଳୟା, ପିତାମହୁଲ, କମିରା, ସଂଗ୍ରାମପୁର, ଜଟେସିଙ୍ଘା, ଚମ୍ପାମାଳ ଓ ଦୁର୍ଜନତୈଲୋ ପଞ୍ଚାୟତର ଯେଉଁ ସବୁ ଅଣଜଳସେଚିତ ଚାଷଜମି ଅଛି ଲୋକେ ମୌସୁମି ବର୍ଷା ଉପରେ ନିର୍ଭର କରି ଚାଷ କରିଥାନ୍ତି। ଏହି ସବୁ ଅଞ୍ଚଳରେ ବୁଣାଧାନରେ ପ୍ରାୟ ଦେଢମାସ ବିଳମ୍ବ ହୋଇଛି। ଜୁଲଇରେ ବି ଆବଶ୍ୟକତାଠାରୁ କମ୍‌ବର୍ଷା ହେବାରୁ ମାଟିକୁ କେବଳ ଓଦା କରିଛି। ତେଣୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳର ଚାଷୀମାନେ ଚାଷ କାମ ଆଗେଇ ପାରିନାହାନ୍ତି। ବର୍ଷାଭାବରୁ ଉଚ୍ଚଚାଷ ଜମିଗୁଡିକ ଶୁଖିଲା ପଡିଛି। ଚାଷୀମାନେ ରୁଆ ପାଇଁ ଯେଉଁ ତଳି ପକାଇଥିଲେ ତାହା ସ୍ୱଳ୍ପ ବୃଷ୍ଟି ଯୋଗୁଁ ହୋଇ ପାରିନାହିଁ। ଯୋଉଁ ଚାଷୀ ଧାନ ବୁଣିଥିଲେ ବର୍ଷାଭାବରୁ ଚାଷ ନଷ୍ଟ ହେବାକୁ ବସିଲାଣି। ଏପରିକି ଲୋକେ ଏଯାଏ ରୁଆ ବିହୁଡା କାର୍ଯ୍ୟ ସାରି ପାରି ନାହାନ୍ତି। ନଦୀ, ନାଳ, କୂଅ, ପୋଖରୀରୁ ପାଣି ଉଠାଇ କେତେକ ଚାଷୀ ଧାନ ରୁଆ କରୁଛନ୍ତି। ସଳ୍ପ ବର୍ଷା ଯୋଗୁ ଚାଷକାମ ବିଳମ୍ବ ହୋଇଥିବାରୁ ଚଳିତ ବର୍ଷ ଧାନ ଚାଷ କିପରି ହେବ ତାକୁ ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରତିଦିନ ଆକାଶରେ ମେଘ ଦେଖାଯାଉଛି। ମାତ୍ର ଆବଶ୍ୟକ ବର୍ଷା ହେଉନାହିଁ। ଶ୍ରାବଣରେ ପାଗ ଶୁଖୁଲା ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।

## ମେଣ୍ଡାଟାଲ ବିଦ୍ୟାଳୟରେ ଚାରା ରୋପଣ

**ନୂଆପଡ଼ା ଅଫିସ,୨୪।୭**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ପଞ୍ଚାୟତ ମେଣ୍ଡାଟାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖେମ ଦାସ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଜୋଷୀ, ଲଖନା ବନ ବିଭାଗରୁ ଦିପ୍ତି ରଞ୍ଜନ ପଣ୍ଡା, ସରପଞ୍ଚ ଜିତେନ୍ଦ୍ର ଠାକୁର, ସମିତି ସଭ୍ୟା ଫୁଲଦେଇ ତାଣ୍ଡି, ମଦର ଟେରେସା ସମ୍ପାଦକ ଶେଷଦେବ ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ଆମ୍ବ, ନିମ୍ବ, ସଜନା, ପଣସ, ଲେମ୍ବୁ, ଅମୃତଭଣ୍ଡା, ଔଷଧିୟ ବୃକ୍ଷ ସହିତ ଫୁଲ ଓ ସୌନ୍ଦର୍ଯ୍ୟ ଚାରା ରୋପଣ କରାଯାଇଥିଲା। ଏହା ଦ୍ୱାରା ବିଦ୍ୟାଳୟ ସୌନ୍ଦର୍ଯ୍ୟପୂର୍ଣ୍ଣ ହେବା ସହିତ ଅନେକ କାର୍ଯ୍ୟରେ ଆସିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିମଳା ବାଗ, ଯଶୋବନ୍ତି ବାଗ, ପ୍ରମାନନ୍ଦ ସେଠ ପ୍ରମୁଖ ଯୋଗ କରିଥିବା ବେଳେ ଧ୍ରୁବ ଚରଣ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡି ପ୍ରତିଷ୍ଠା ଦିବସ ଉପଲକ୍ଷେ ଚାରା ରୋପଣ

**ଲୋଇସିଂହା,୨୪।୭(ଡି.ଏନ.ଏ)**

ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଜଙ୍ଗଲ ସଂରକ୍ଷଣ ଓ ପରିବେଶ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାରା ରୋପଣ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଜେଡି ରାଜ୍ୟ ଯୁବ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗଲପୁର ଡିଗ୍ରୀ କଲେଜ ଏବଂ ଫଟାମୁଣ୍ଡା ଓ ବଣ୍ଡାବାହଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ, ଜିଲା ଯୁବ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ବ୍ଲକ ସଭାପତି ପଞ୍ଚୁ ପଧାନ, ବ୍ଲକ ଯୁବ ସଭାପତି ନାରାୟଣ ସାହୁ, ଛାତ୍ର ସଭାପତି ଆନନ୍ଦ ଯୋଶୀ, ରାମଚନ୍ଦ୍ର ମେହେର, ସରପଞ୍ଚ ମାମି ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମଟି ସଦସ୍ୟ ଏବଂ ଦଳୀୟ କର୍ମୀ ଉପସ୍ଥିତ ରହି ଚାରା ରୋପଣ କରିଥିଲେ ।


ବିଜେଡି ନେତା ଓ କର୍ମୀ ଚାରା ରୋପଣ କରୁଛନ୍ତି।

# ଭାଜପା କାର୍ଯ୍ୟକାରିଣୀ ବୈଠକ



ବୀରମହାରାଜପୁର କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପା ନେତା।

**ଅମରପାଲି,୨୪।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ରବିବାର ଭାଜପାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ମଣ୍ଡଳ ତରଫରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଷା କୁମାରୀ, ଜିଲା ଉପସଭାପତି ନଳିନୀ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ଇଂ ଆଶ୍ରୟ ମହାନନ୍ଦ, ରାଧାକାନ୍ତ ପଣ୍ଡା, ସତ୍ୟବ୍ରତ ମିଶ୍ର, ରଶ୍ମିତା ଷଡଙ୍ଗୀ, ସୁମନ୍ତ ଜଗଦଲା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଚିଠା ପ୍ରସ୍ତାବ ଆଗତ କରାଯାଇଥିଲା। କର୍ମୁ ଜଗଦଲା ଚିଠା ପ୍ରସ୍ତାବ ଆଗତ କରିଥିବା ବେଳେ ଗୌର ଜଗଦଲା ସମର୍ଥନ କରିଥିଲେ। ବୀରମହାରାଜପୁରକୁ ଏନଏସି ଘୋଷଣା, ବିଭିନ୍ନ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି, ବୀରମହାରାଜପୁର ମୁଖ୍ୟ ଛକରୁ କେନ୍ଦୁପାଲି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ, ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପରୁ ବାମପାର୍ଶ୍ୱ କେନାଲ ଖନନ, ମହାନଦୀ ଉପରେ ଦେଉଳି–ବାଉଁଶୁଣୀ ପୋଲ ନିର୍ମାଣ ଆଦି ପ୍ରସ୍ତାବ ଆଗତ କରାଯାଇଥିଲା। ବୀରମହାରାଜପୁର ମଣ୍ଡଳ ପ୍ରଭାରୀ ଶିବ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରିହର ପାତ୍ର ପରିଚୟ ପ୍ରଦାନ ଓ ଶରତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅମିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍ଧମାଳରେ ମାଗଣା ସ୍ୱାସ୍ଥ୍ୟ ଶିବିର

**କନ୍ଧମାଳ, ୨୪।୭ (ଡି.ଏନ.ଏ.)**

ବୌଦ୍ଧ ଜିଲା କନ୍ଧମାଳଠାରେ ରବିବାର ଆଶା ନର୍ସିଂହୋମ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରକୁ ଶିକ୍ଷାବିତ ଭବାନୀଶଙ୍କର ରାଉତ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଚର୍ମ ରୋଗ ବିଶେଷଜ୍ଞ, ଶୈଲ୍ୟ ବିଶେଷଜ୍ଞ, କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇଥିଲେ। ଶିବିରରେ କନ୍ଧମାଳ ଅଞ୍ଚଳର ୧୭୦ ଜଣ ରୋଗୀ ଯୋଗଦେଇ ସ୍ୱାସ୍ଥ୍ୟସୁବିଧା ପାଇଥିଲେ। ଶିବିରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସପ୍ନେଶ୍ୱର ବେହେରା ଓ ମିନାକ୍ଷୀ ମହାଲିକ, ଶୈଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରଭାସ ନାଏକ, ଚର୍ମରୋଗ ବିଶେଷଜ୍ଞ ଡାକ୍ତର ରଞ୍ଜନ ସାହୁ ଓ କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଡାକ୍ତର ସରୋଜ ପାଣିଗ୍ରାହୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ଶ୍ରୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା।

## ଷାଠିଏ ଘର ଡୁମାଳ ସମାଜର ମନ୍ଥନ ସଭା

**ବଲାଙ୍ଗୀର ଅଫିସ/ଲୋଇସିଂହା, ୨୪।୭(ଡି.ଏନ.ଏ)**

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଜିଲା ଷାଠିଏ ଘର ଡୁମାଳ ସମାଜର ସର୍ବାଙ୍ଗୀନ ଉନ୍ନତି ପାଇଁ ମନ୍ଥନ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ କରନଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଉପସଭାପତି ଖୁସିରାମ ଚାଉଳିଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ରମାକାନ୍ତ ପଧାନ, ପ୍ରକାଶ ମେର୍ଲି, ଦୟାନିଧି କରନ, ହାତୀସରା ସରପଞ୍ଚ କେଲୋ ଡାଙ୍ଗ, ତୀର୍ଥ ପଧାନ ଅତିଥିଭାବେ ମଞ୍ଚାସୀନ ଥିଲେ। ଭିନ୍ନତା ଭିତରେ ଏକତା ପ୍ରତିଷ୍ଠା କରି କାର୍ଯ୍ୟ ହାସଲ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିକନ୍ଦ ଡାଙ୍ଗ, ଟଙ୍କଧର ମହାକୁର, ଭରତ କର୍ମୀ, ଶିବଶଙ୍କର ବଘାର, ଖଗେଶ୍ୱର ମହାକୁର, ରିତ ଗେଜୋ, ଚୈତନ୍ୟ ଛନ୍ଦ, ଲକ୍ଷ୍ମୀକାନ୍ତ କ୍ଷେତି, ଗୁଣନିଧି ଡାଙ୍ଗ, ବଜରଙ୍ଗ ଅମାତ, ବାଳକୃଷ୍ଣ ପଧାନ ସ୍ୱକୀୟ ବକ୍ତବ୍ୟ ରଖିଥିଲେ । କୃତ୍ତିବାସ କର୍ମୀ ଓ ଶରତ ଖମାରୀ ସଭା ସଂଯୋଜନା କରିଥିଲେ ।



ମନ୍ଥନ ସଭାରେ ମଞ୍ଚାସୀନ ଅତିଥି।

## ତୈଳିକ ବୈଶ୍ୟ ସମାଜର ବୈଠକ

**ସୋନପୁର,୨୪।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତୈଳିକ ବୈଶ୍ୟ ସମାଜର ନୂତନ ଜିଲା କମିଟିର ପ୍ରଥମ ବୈଠକ ବିନିକା ବ୍ଲକ ଗୁଲୁଣ୍ଡା ମଠଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଧନଞ୍ଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ସମ୍ପାଦକ ଦୁଃଖିରାମ ସାହୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ଜିଲାର ୬ଟି ଯାକ ବ୍ଲକରେ ନୂତନ କମିଟି ଗଠନ ଓ ବୈଶ୍ୟ ସମାଜର ସ୍ୱାର୍ଥରକ୍ଷା ନେଇ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଏହି ଅବସରରେ ଆଲୋଚନା ହୋଇଥିଲା। ସେହିପରି ସମାଜର ଗରିବ ଲୋକଙ୍କ ଝିଅ ବାହାଘର ସମୟରେ ସହାୟତା କରିବା ଓ ତୈଳିକ ବୈଶ୍ୟ ସମାଜର ଯେଉଁ ଛାତ୍ରୀଛାତ୍ରମାନେ ସ୍କୁଲ ଓ କଲେଜ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରୁଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାକ୍ତନ ସଭାପତି ପଙ୍କଜ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଠାକୁର ସାହୁ, ଗଜାନନ ସାହୁ, କୃଷ୍ଣଚନ୍ଦ୍ର ସାହୁ, ରୁଦ୍ରାକ୍ଷ ସାହୁ, ବୈଦ୍ୟନାଥ ସାହୁ, ରଘୁମଣି ସାହୁ, ରାମଚନ୍ଦ୍ର ସାହୁ, ହରିହର ସାହୁ, ମାଗିରାମ ସାହୁ, ସନ୍ତୋଷ ସାହୁ, ରଘୁନାଥ ସାହୁ ଓ ସୁଶାନ୍ତ ସାହୁ ଯୋଗ ଦେଇଥିଲେ। ରାମ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା।

# ମହାସୁଲ ଆଦାୟ ହେଉଛି, ବଦଳୁନି ଭିତ୍ତିଭୂମି

**ତରଭା ସାପ୍ତାହିକ ବଜାର**

**■ ଅସରାଏ ବର୍ଷାରେ କାଦୁଅ ପଚପଚ**

**ତରଭା, ୨୪।୭(ଡି.ଏନ.ଏ.)**

ଶ୍ରାବଣର ଅସରାଏ ବର୍ଷାରେ ସୁବର୍ଣ୍ଣପୁର ଜିଲା ତରଭା ସାପ୍ତାହିକ ବଜାର ଅବସ୍ଥା ବେହାଲ ହୋଇଯାଇଛି। ବଜାର ପରିସରରେ ଆଣ୍ଠୁଏ ପାଣି ଜମା ହୋଇ ରହିଛି। ପରିବା ବିକାଳି ଓ ଗ୍ରାହକ କାଦୁଅ ପଚ ପଚ ସହ କାଦୁଅ ଦେଇ ଯିବା ଆସିବା କରୁଛନ୍ତି। ଅନେକ ସ୍ଥଳରେ ଗ୍ରାହକ ଓ ବେପାରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ଡ୍ରେନ ରକ୍ଷାଣାବେକ୍ଷଣ ଅଭାବରୁ ପୋତି ହୋଇଗଲାଣି। ଫଳରେ ବର୍ଷା ପାଣି ନିଷ୍କାସିତ ହୋଇ ପାରୁନାହିଁ। ବେପାରୀମାନଙ୍କ ସୁବିଧା ଓ ବ୍ୟବସାୟ କରିବା ନେଇ ତାଙ୍କଠାରୁ ଗୋଟିଏ ବସ୍ତା ପରିବା ପିଛା ଲିଜଧାରୀ ୨୦ରୁ ୩୦ଟଙ୍କା ଓ ଗୋଟିଏ ଗାଡି ପିଛା ୨୦୦ ଟଙ୍କା ମହାସୁଲ ଅସୁଲ କରୁଛନ୍ତି। ମାତ୍ର କୌଣସି ପ୍ରକାର ସୁବିଧା କରୁ ନ ଥିବା ପରିବା ବିକାଳିମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏନଏସି ପ୍ରଶାସନ ଲିଜଧାରୀଙ୍କରୁ ଲକ୍ଷାଧିକ ଟଙ୍କା ନେଉଥିଲେ ମଧ୍ୟ ପରିବା ବେପାରୀଙ୍କ ବସିବା ପାଇଁ କୌଣସି ସୁବିଧା ନ କରି ଚୁପ ରହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସାପ୍ତାହିକ ବଜାର ସମସ୍ୟା ସମାଧାନ ଦିଗର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ବର୍ଷା ପାଣି ଜମି ହାଟ ପରିସର କାଦୁଅ ପଚପଚ ହୋଇଛି।